

ଅନ୍ୟର ସମୃଦ୍ଧିରେ ଯେ ଆନନ୍ଦ ପ୍ରକାଶ କରେ, ସେ ସେହି ସମୃଦ୍ଧିରେ ହିଁ ଭାଗିଦାର ହୋଇଥାଏ।

- ମେରି ଆଷ୍ଟିନ

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ଜ୍ଞାନ ବିଜ୍ଞାନ ମେଳା-୨୦୧୮, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସର, ଧର୍ମବିହାର, ସକାଳ ୯ଟା।
- ହମାରା ବଚ୍‌ପନ ପକ୍ଷରୁ ଭୁବନେଶ୍ୱରରେ ବନ୍ୟା ପରିସ୍ଥିତି ମୁକାବିଲା ସଂକ୍ରାନ୍ତରେ ଗୋଷ୍ଠୀଗତ ମତାମତଭିତ୍ତିକ କାର୍ଯ୍ୟକ୍ରମ, ସୂଚନା ଭବନ, ସକାଳ ୯ଟା ୩୦।
- ଭିଜେନ୍ ଇଣ୍ଡିଆର ବାର୍ଷିକ ଉତ୍ସବ, ଗୋଲାପ ରିସର୍ଟ, ବେହେରା ସାହି ରାସ୍ତା, ନୟାପଲ୍ଲୀ, ସକାଳ ୯ଟା ୩୦।
- ଉତ୍କଳ ଫଟୋଗ୍ରାଫି କ୍ଲବ ପକ୍ଷରୁ ଫଟୋ ମହୋତ୍ସବ 'ଚିତ୍ରବର୍ଣ୍ଣାଳୀ'ର ଉଦ୍‌ଘାଟନୀ ଉତ୍ସବ, ଲଳିତ କଳା ଏକାଡେମୀ, ଅପରାହ୍ନ ୫ଟା ୩୦।
- ଓଡ଼ିଶା ମଡର୍ନ ଆର୍ଟ ଗ୍ୟାଲେରି ପକ୍ଷରୁ ଚିତ୍ରକଳା ପ୍ରଦର୍ଶନୀ 'ରିଗେଲ୍', ଗ୍ୟାଲେରି ପରିସର, ଫରେଷ୍ଟ ପାର୍କ, ସନ୍ଧ୍ୟା ୬ଟା ୩୦ରୁ ରାତି ୯ଟା।
- ଭୁବନେଶ୍ୱର ମ୍ୟୁଜିକ୍ ସର୍କଲ ପକ୍ଷରୁ ହିନ୍ଦୁସ୍ତାନୀ ଶାସ୍ତ୍ରୀୟ ସଙ୍ଗୀତ ଓ ବଂଶୀ ବାଦନ, ରବୀନ୍ଦ୍ର ମଣ୍ଡପ, ରାତି ୭ଟା।



ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପଠାରେ ସୋମବାର ଅନୁଷ୍ଠିତ 'ଦି ଆବିସ୍ ସ୍କୁଲ ଅଫ୍ ମ୍ୟୁଜିକ୍'ର ଆନୁଆଲ୍ କନ୍‌ସର୍ଟ-୨୦୧୮ରେ ସଙ୍ଗୀତ ପରିବେଷଣ କରାଯାଉଛି।

### 'ଦି ଆବିସ୍ ସ୍କୁଲ ଅଫ୍ ମ୍ୟୁଜିକ୍'ର ଆନୁଆଲ୍ କନ୍‌ସର୍ଟ-୨୦୧୮

# ରକ୍, ପପ୍ ଗୀତର ମଜାନେଲେ ଶ୍ରୋତା

**ଭୁବନେଶ୍ୱର,୨୦।୮(ବ୍ୟୁରୋ)**

'ସେପ୍ ଅଫ୍ ୟୁ'ରୁ ଆରମ୍ଭ କରି 'ଲଭ୍ ୟୁ ଜିନ୍ଦେଗୀ'। 'ଟପ୍ ଗନ୍', 'ଚାରିଓଟ୍‌ସ ଅଫ୍ ଫାୟାର୍' ଏବଂ 'ପାଇରେଟ୍‌ସ ଅଫ୍ ଦି କ୍ୟାରବିୟାନ୍' ଭଳି ସିମ୍ଫୋନୀରୁ ଲୋକପ୍ରିୟ କ୍ଲାସିକାଲ୍ ସୋଲୋ 'ଟରକିସ୍ ମାର୍ଚ୍ଚ' ପର୍ଯ୍ୟନ୍ତ। ସେହିଭଳି 'ଅନ୍ ଇଗଲ୍‌ସ୍ ୱିଙ୍ଗ୍‌ସ' ଏବଂ 'କ୍ୟାରୋଲ୍‌ସ ଅଫ୍ ଦି ବେଲ୍‌ସ'। ସୋମବାର ରବୀନ୍ଦ୍ର ମଣ୍ଡପଠାରେ ଏଭଳି ଭିନ୍ନସ୍ୱାଦର ରକ୍ ଓ ପପ୍ ଗୀତର ମଜାନେଇଥିଲେ ଭୁବନେଶ୍ୱର ଲୋକ। ଅବସର ଥିଲା ଭୁବନେଶ୍ୱରର ସର୍ବପୁରାତନ ବ୍ୟାଣ୍ଡ 'ଦି ଆବିସ୍' ଦ୍ୱାରା ପ୍ରତିଷ୍ଠିତ 'ଦି ଆବିସ୍ ସ୍କୁଲ ଅଫ୍ ମ୍ୟୁଜିକ୍' ପକ୍ଷରୁ ଆୟୋଜିତ ଏହାର ବାର୍ଷିକ କନ୍‌ସର୍ଟ କାର୍ଯ୍ୟକ୍ରମ। ଓଡ଼ିଶାରେ ରକ୍ ଓ ପପ୍ ମ୍ୟୁଜିକ୍ ଶିକ୍ଷାର ଟ୍ରେଣ୍ଡ୍ ଆରମ୍ଭ କରିଥିବା ଏହି ମ୍ୟୁଜିକ୍ ସ୍କୁଲର ପ୍ରାୟ ୧୦୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର କନସର୍ଟରେ ସୋଲୋ, ଡୁଏଟ୍ ଏବଂ ଗ୍ରୁପ୍‌ରେ ଗୀତ ପରିବେଷଣ କରିଥିଲେ, ଯାହାକି ଉପସ୍ଥିତ ଶ୍ରୋତାଙ୍କୁ ଭରପୂର ମନୋରଞ୍ଜନ ଯୋଗାଇଥିଲା।



ଛାତ୍ରୀଛାତ୍ରଙ୍କ ଗହଣରେ କାର୍ଯ୍ୟକ୍ରମକୁ ଅତିଥି ଉଦ୍‌ଘାଟନ କରୁଛନ୍ତି।

ଆବିସ୍‌ର ଏହି ଆନୁଆଲ କନସର୍ଟ ୨୦୧୮ରେ ରାଜ୍ୟର ଜଣାଶୁଣା ବାସ୍ ଗୀଟାରିଷ୍ଟ ରିକାର୍ଡୋ କାର୍ଲଟନ୍ ନର୍ଥ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ସ୍କୁଲର ସହପ୍ରତିଷ୍ଠାତା ନିରଲ୍ ତିର୍କୀ ସ୍ୱାଗତଭାଷଣ ଦେଇଥିଲେ। ଏହାପରେ ପ୍ରଥମ ପ୍ରସ୍ତୁତିରେ ସ୍କୁଲର ସମସ୍ତ କନିଷ୍ଠ ଓ ବରିଷ୍ଠ ଛାତ୍ରୀଛାତ୍ର ମିଶି 'ଅନ୍ ଇଗଲ୍ସ ୱିଙ୍ଗ୍‌ସ' ଗୀତ ପରିବେଷଣ କରିଥିଲେ। ପରେ ପରେ କ୍ଲାସିକାଲ୍ ଗୀଟାର ସୋଲୋରେ 'ପର୍ସିଆନ୍ ୱାଲ୍‌ଟ୍‌ଜ୍', ପିଆନୋ ଡୁଏଟ୍‌ରେ 'ଲ୍ୟାଣ୍ଡଲର୍' ଏବଂ ସୋଲୋରେ 'ଟରକିସ୍ ମାର୍ଚ୍ଚ' ପରିବେଷିତ ହୋଇଥିଲା। ସେହିଭଳି ରକ୍ ଓ ପପ୍ ଇଲେକ୍‌ଟ୍ରିକ୍ ଗୀଟାର ସୋଲୋରେ 'ଅଲ୍‌ୱେଜ୍ ୱିଥ୍ ମି, ଅଲ୍‌ୱେଜ୍ ୱିଥ୍ ୟୁ', ଡ୍ରମ୍ ସୋଲୋରେ 'ଅଣ୍ଡରଟୋ' ଏବଂ ଗୀଟାର ସିମ୍ଫୋନୀରେ ଲୋକପ୍ରିୟ 'ସେପ୍ ଅଫ୍ ୟୁ' ମଞ୍ଚସ୍ଥ ହୋଇଥିଲା। ବ୍ୟାଣ୍ଡରେ ପରିବେଷିତ 'ବ୍ଲାକ୍ ବେଟ୍ଟି', 'ରକ୍ ଆରାଉଣ୍ଡ୍ ଦି କ୍ଲକ୍', 'ଆଇ ଲଭ୍ ରକ୍ ଆଣ୍ଡ ରୋଲ୍', 'ଦିଲ୍ ଚାହାତା ହେ'କୁ ଶ୍ରୋତାମାନେ ମନଭରି ଉପଭୋଗ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ପିଲାମାନଙ୍କ ଦ୍ୱାରା ସିମ୍ଫୋନୀରେ ଜାତୀୟ ସଙ୍ଗୀତ ପରିବେଷିତ ହୋଇଥିଲା। ଏହି ଅବସରରେ ୨୦୧୭ରେ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ସୁବୀର ଦିଗଲ ଓ ଆଦର୍ଶ ଚାନ୍ଦ ଜୈନଙ୍କୁ ମୁଖ୍ୟଅତିଥି ସମ୍ବର୍ଦ୍ଧିତ କରିଥିଲେ। ଶେଷରେ ସ୍କୁଲର ଅନ୍ୟତମ ସହପ୍ରତିଷ୍ଠାତା ୟୁଗିନି ଆମ୍ବ୍ରୋଜ୍ ଧନ୍ୟବାଦ ଦେଇଥିଲେ।

### ଦେବୀ ମୁହାଣରେ ଡଙ୍ଗାବୁଡ଼ି ଘଟଣା

## ନିଖୋଜ ମତ୍ସ୍ୟଜୀବୀଙ୍କ ମୃତଦେହ ଉଦ୍ଧାର

**କାକଟପୁର,୨୦।୮(ଡି.ଏନ୍.ଏ ):** ଅସ୍ତରଙ୍ଗ ବ୍ଲକ ଅନ୍ତର୍ଗତ ଦେବୀ ମୁହାଣରେ ଡଙ୍ଗା ଓଲଟି ନିଖୋଜ ଥିବା ମତ୍ସ୍ୟଜୀବୀ କାଳିଆକଣ ଗ୍ରାମର ନିରଞ୍ଜନ ବେହେରାଙ୍କ ମୃତଦେହ ସୋମବାର ଜଗତସିଂହପୁର ଜିଲାର ଜଟାଧାରୀ ମୁହାଁଣରୁ ଉଦ୍ଧାର କରାଯାଇଛି। ରବିବାର ନିରଞ୍ଜନଙ୍କ ସମେତ ୧୦ଜଣ ମତ୍ସ୍ୟଜୀବୀ ୩ଟି ଡଙ୍ଗାରେ ମାଛ ମାରିବାକୁ ଦେବୀ ନଦୀ ମୁହାଣ ଦେଇ ସମୁଦ୍ରକୁ ଯାଉଥିଲେ। ମୁହାଣରେ ନିରଞ୍ଜନ ଥିବା ଡଙ୍ଗାଟି ଓଲଟି ପଡି ଅନ୍ୟ ଦୁଇ ଡଙ୍ଗା ସହ ଧକ୍କା ଲାଗିବାରୁ ସମସ୍ତ ୧୦ଜଣ ମତ୍ସ୍ୟଜୀବୀ ନଦୀକୁ ଖସି ପଡିଥିଲେ। ଅନ୍ୟ ୯ଜଣ ପହଁରି ଡଙ୍ଗାକୁ ଉଠି ଆସିଥିବାବେଳେ ନିରଞ୍ଜନ ନିଖୋଜ ଥିଲେ। କଟକ ଓଡ୍ରାଫ ଟିମ ଖୋଜାଖୋଜି କରିଥିଲେ ମଧ ତାଙ୍କର ସନ୍ଧାନ ମିଳି ନ ଥିଲା। ସୋମବାର ଜଟାଧାରୀ ମୁହାଁଣରେ ମୃତଦେହ ଭାସୁଥିବା ସ୍ଥାନୀୟ ମତ୍ସ୍ୟଜୀବୀଙ୍କଠାରୁ ଖବରପାଇ ଅସ୍ତରଙ୍ଗ ବିଡିଓ ମନୋଜ ବେହେରା ପୋଲିସକୁ ଜଣାଇଥିଲେ। ଅସ୍ତରଙ୍ଗ ଥାନା ପୋଲିସ ଓ ନିରଞ୍ଜନଙ୍କ ପରିବାର ସେଠାରେ ପହଞ୍ଚି ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ଚାରିଛକ ଡାକ୍ତରଖାନାକୁ ପଠାଯାଇଥିବା ଆଇଆଇସି ସୁମତୀ ମହାନ୍ତି କହିଛନ୍ତି।

## ବିଶ୍ୱଜିତ ଦାସ ପିସିସି ସାଧାରଣ ସମ୍ପାଦକ

**କଟକ ଅଫିସ, ୨୦।୮:** କଂଗ୍ରେସ ନେତା ବିଶ୍ୱଜିତ ଦାସଙ୍କୁ ପ୍ରଦେଶ କଂଗ୍ରେସ କମିଟି(ପିସିସି)ର ନୂତନ ସାଧାରଣ ସମ୍ପାଦକ ଭାବେ ନିଯୁକ୍ତ କରାଯାଇଛି। ୧୯୮୩ରୁ ଦାସ ଛାତ୍ର କଂଗ୍ରେସ ଓ ଯୁବ କଂଗ୍ରେସର ବିଭିନ୍ନ ପଦବୀରେ ରହି ୨୦୦୧ ପର୍ଯ୍ୟନ୍ତ କାର୍ଯ୍ୟ କରିଛନ୍ତି। ୨୦୦୨ରୁ ୨୦୧୮ ପର୍ଯ୍ୟନ୍ତ କଟକ ଜିଲା କଂଗ୍ରେସ କମିଟିରେ



ଯଥାକ୍ରମେ ସାଧାରଣ ସମ୍ପାଦକ ଓ ଉପସଭାପତି ଭାବେ କାର୍ଯ୍ୟ କରିବା ସହିତ ରାଜୀବ ଗାନ୍ଧୀ ପଞ୍ଚାୟତିରାଜ ସଂଗଠନର ରାଜ୍ୟ ଆବାହକ ଓ ପିସିସିର ସଂଗଠନ ସମ୍ପାଦକ ଭାବେ ଦାୟିତ୍ୱ ନିର୍ବାହ କରିଛନ୍ତି। ନିକଟରେ ତାଙ୍କୁ କଟକ ଜିଲା କଂଗ୍ରେସର କାର୍ଯ୍ୟକାରୀ ସଭାପତି ଭାବେ ମଧ ନିଯୁକ୍ତି ମିଳିଥିଲା।

## ଆଜିଠୁ ଶ୍ରୀମନ୍ଦିରରେ ଝୁଲଣ ଯାତ୍ରା

**ପୁରୀ ଅଫିସ,୨୦।୮**

**ଚଳଚଞ୍ଚଳ ଶ୍ରୀକ୍ଷେତ୍ରର ମଠ ମନ୍ଦିର**

ଶ୍ରାବଣ ଶୁକ୍ଳ ଦଶମୀ ତିଥି ଅର୍ଥାତ୍ ମଙ୍ଗଳବାରଠାରୁ ଶ୍ରୀମନ୍ଦିରରେ ଆରମ୍ଭ ହେବ ଝୁଲଣ ଯାତ୍ରା। ୭ ଦିନ ବ୍ୟାପୀ ଏହି ଝୁଲଣ ଯାତ୍ରା ଅନୁଷ୍ଠିତ ହେବ। ଏଥିସହ ଶ୍ରୀକ୍ଷେତ୍ରର ଅନ୍ୟାନ୍ୟ ମଠ ଓ ମନ୍ଦିରରେ ମଧ ଝୁଲଣ ଯାତ୍ରା ଚାଲିବ। କେତେକ ମଠରେ ଏହା ପାଞ୍ଚଦିନ ଧରି ଅନୁଷ୍ଠିତ ହେବ ବୋଲି ଜଣାପଡିଛି। ତେବେ ମଠ, ମନ୍ଦିର ସଂସ୍କୃତିକୁ ନେଇ ସମୃଦ୍ଧ ଶ୍ରୀକ୍ଷେତ୍ର ଝୁଲଣ ଯାତ୍ରା ପାଇଁ ଚଳଚଞ୍ଚଳ ହୋଇପଡିଛି। ବିଭିନ୍ନ ଦେବାଳୟରେ ପ୍ରସ୍ତୁତ ହୋଇଯାଇଛି ଝୁଲଣ କୁଞ୍ଜ। କୁଞ୍ଜକୁ ଜରି ଜମ୍ବୁରାରେ ଆକର୍ଷଣୀୟ ଭାବେ ସଜେଇ ଦିଆଯାଇଛି। ବିଭିନ୍ନ ପ୍ରକାର ରଙ୍ଗୀନ ଆଲୋକମାଳାରେ ଝଲସି ଉଠୁଛି କୁଞ୍ଜ ପରିସର। ଏହି ସୁସଜ୍ଜିତ କୁଞ୍ଜରେ ଗୋପୀମାନଙ୍କ ଗହଣରେ ରାଧାକୃଷ୍ଣ ଦୋଳିରେ ଝୁଲିବେ।

ଶ୍ରୀକ୍ଷେତ୍ରରେ ରହିଛି ଅନେକ ପୁରାତନ ମଠ। ପ୍ରାୟ ଅଧିକାଂଶ ମଠରେ ପୂଜା ପାଉଛନ୍ତି ରାଧାକୃଷ୍ଣ। ତେଣୁ ସଙ୍ଗୀତ, ବାଦ୍ୟ, ନୃତ୍ୟରେ ମୁଖରିତ ଝୁଲଣ ଯାତ୍ରାରେ ସୁସଜ୍ଜିତ ରାଧା ଦାମୋଦରଙ୍କୁ ଦର୍ଶନ କରିବା ପାଇଁ ଦୂରଦୂରାନ୍ତରୁ ଶ୍ରଦ୍ଧାଳୁମାନେ ପୁରୀରେ ଭିଡ଼ ଜମାଇଛନ୍ତି। ବିଶେଷକରି ଶ୍ରୀକ୍ଷେତ୍ରରେ ଜଗନ୍ନାଥ ବଲ୍ଲଭ ମଠ, ନେବଳ ଦାସ ମଠ, ଶ୍ୟାମ କୁଞ୍ଜ ମଠ, ହରିଦାସ ମଠ, ଉତ୍ତରପାର୍ଶ୍ୱ ମଠ, ରାଧାବଲ୍ଲଭ ମଠ, ରାଧାକାନ୍ତ ମଠ ପ୍ରଭୃତି ମଠରେ ବେଶ୍ ଆଡମ୍ବରରେ ଅନୁଷ୍ଠିତ ହେବ ଝୁଲଣ ଯାତ୍ରା। ଏହି ଉପଲକ୍ଷେ ବିଭିନ୍ନ ମଠରେ ସାଂସ୍କୃତିକ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଇଛି। ଜଗନ୍ନାଥ ବଲ୍ଲଭ ମଠରେ ୭ ଦିନ ଧରି ପ୍ରତ୍ୟହ ସନ୍ଧ୍ୟାରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଭଜନ, ଓଡ଼ିଶୀ, ପାଲା ଓ ନୃତ୍ୟ ସଙ୍ଗୀତ ପରିବେଷଣ କରାଯିବ। ନେବଳ ଦାସ ମଠରେ ୫ଦିନ ଧରି ପ୍ରତ୍ୟହ ସନ୍ଧ୍ୟା ୭ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ପାଲା, ଦାସକାଠିଆ ଓ ପାରମ୍ପରିକ ଭଜନ ପରିବେଷଣ ହେବ। ଶ୍ୟାମକୁଞ୍ଜ ମଠରେ ମଧ ୫ଦିନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେବ। ଗଞ୍ଜାମର ସଂକୀର୍ତ୍ତନ ଦଳ ପକ୍ଷରୁ କୀର୍ତ୍ତନ ଓ ବିଭିନ୍ନ ସନ୍ଧ୍ୟାରେ ପାରମ୍ପରିକ ନୃତ୍ୟ ପରିବେଷଣ କରାଯିବ।

## ରାସ୍ତାପାର୍ଶ୍ୱକୁ ଓଲଟିଲା କ୍ୟାଣ୍ଟର, ୧୫ ଆହତ

**ବ୍ରହ୍ମଗିରି,୨୦।୮(ଡି.ଏନ୍.ଏ )**

ବ୍ରହ୍ମଗିରି ଥାନା ଅନ୍ତର୍ଗତ ପୁରୀ-ସାତପଡା ରାସ୍ତାର ଚଣ୍ଡିଖୋଲ ନିକଟରେ ସୋମବାର ମଧ୍ୟାହ୍ନରେ ଦୁର୍ଘଟଣା ଘଟିଛଇ। ଏକ ଯାତ୍ରୀବାହୀ କ୍ୟାଣ୍ଟର ରାସ୍ତାପାର୍ଶ୍ୱକୁ ଓଲଟି ପଡିବାରୁ ପ୍ରାୟ ୧୫ ଯାତ୍ରୀ ଆହତ ହୋଇଛନ୍ତି। ତାଙ୍କୁ ଚିକିତ୍ସା ନିମନ୍ତେ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ସୂଚନା ଅନୁସାରେ, ପୁରୀ ସାତପଡା ରାସ୍ତାରେ ସିଂହବାହିନୀ ନାମକ କ୍ୟାଣ୍ଟର (ଓଆର-୧୩ସି-୧୯୨୫) ସାତପଡାରୁ ଯାତ୍ରୀଙ୍କୁ ନେଇ ପୁରୀ ଅଭିମୁଖେ ଆସୁଥିଲା। ପଞ୍ଚାୟତ କଲେଜ ନିକଟରେ ଡ୍ରାଇଭର ଭାରସାମ୍ୟ ହରାଇବାରୁ କ୍ୟାଣ୍ଟରଟି ରାସ୍ତାର ବାମପଟକୁ ଓଲଟିପଡିଥିଲା। ଗାଡି ଭିତରେ ଥିବା ଯାତ୍ରୀମାନେ ଜୀବନ ବିକଳରେ ବାହାରକୁ ବାହାରିଥିଲେ। ଆହତଙ୍କ ମଧ୍ୟରେ ଗମ୍ଭାରୀ ଗ୍ରାମର ସଜନୀ ବରାଳ, ସଙ୍ଗିତା ମହାରଣା, ବାଙ୍କିଜଳ ଗ୍ରାମର ବିଳାସିନୀ ବଡଜେନା, ହାରାମଣୀ ବଡଜେନା, ବାଦଲ ଜେନା(୧୧) ପ୍ରମୁଖ ରହିଛନ୍ତି। ଚିକିତ୍ସା ପରେ ଘରକୁ ଫେରିଥିବା ଜଣାପଡିଛି।

## କେରଳକୁ ସହାୟତାର ହାତ ବଢ଼ାଇଲା ଓଡ଼ିଶା ଆଇପିଏସ୍ ସଂଘ

**କଟକ ଅଫିସ, ୨୦।୮**

ବନ୍ୟା ଯୋଗୁ କେରଳର ସ୍ଥିତି ଜଟିଳ ହେବାରେ ଲାଗିଛି। ସବୁଆଡୁ କେରଳକୁ ସାହାଯ୍ୟ ମିଳୁଥିବାବେଳେ ସୋମବାର ଓଡ଼ିଶା ଆଇପିଏସ୍(ଭାରତୀୟ ପୋଲିସ ସେବା) ସଂଘ ମଧ ସହାୟତାର ହାତ ବଢ଼ାଇଛି। ଓଡ଼ିଶାରେ କାର୍ଯ୍ୟରତ ସମସ୍ତ ଆଇପିଏସ୍ ଅଧିକାରୀମାନଙ୍କର ଗୋଟିଏ ଦିନର ଦରମା କେରଳ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ପ୍ରଦାନ କରିବାକୁ ନିଷ୍ପତ୍ତି ନିଆଯାଇଛି ବୋଲି ସଂଘର ସମ୍ପାଦକ ସତ୍ୟଜିତ୍ ମହାନ୍ତି ସୂଚନା ଦେଇଛନ୍ତି। ଡିଜିପି ଶର୍ମା ଏନେଇ ଟୁଇଟ୍ କରି କହିଛନ୍ତି ଯେ, କେରଳର ଏଭଳି ସ୍ଥିତିରେ କମ୍ ଅବା ବେଶି ବଡ଼ କଥା ନୁହେଁ, ବଡ଼ କଥା ହେଉଛି ଏଭଳି ପରିସ୍ଥିତିରେ ସହାୟତା କରିବା।

## ସ୍କୁଲ ଛାତ୍ରାବାସରୁ ନବମଶ୍ରେଣୀ ଛାତ୍ର ନିଖୋଜ

**କଟକ ରୋଡ,୨୦।୮(ଡି.ଏନ୍.ଏ ):** ଭୁବନେଶ୍ୱରସ୍ଥିତ ଲକ୍ଷ୍ମୀସାଗର ସରକାରୀ ହାଇସ୍କୁଲ ପରିସରରେ ଥିବା ଛାତ୍ରାବାସରୁ ନବମ ଶ୍ରେଣୀ ଛାତ୍ର ସଞ୍ଜୟ ପ୍ରଧାନ ନିଖୋଜ ହୋଇଯାଇଛନ୍ତି। ଏ ନେଇ ରବିବାର ରାତିରେ ପ୍ରଧାନ ଶିକ୍ଷୟିତ୍ରୀ ରେଣୁକା ମଲ୍ଲିକଙ୍କ ଅଭିଯୋଗକ୍ରମେ ପୋଲିସ ମାମଲା (ନଂ.୨୨୦/୧୮)ରୁଜୁ କରି ତଦନ୍ତ ଚଳାଇଛି। ପୋଲିସ ଛାତ୍ରାବାସରେ ପହଞ୍ଚି ଅନ୍ୟ ଛାତ୍ରମାନଙ୍କୁ ପଚରାଉଚରା କରିଛି। ସଞ୍ଜୟଙ୍କ ଘର ଫୁଲବାଣୀ ଦାରିଙ୍ଗବାଡି ଅଞ୍ଚଳରେ। ଗତ ଶନିବାର ରାତି ୯ଟାରେ ଖାଇବାକୁ ସମସ୍ତ ଛାତ୍ର ଯାଇଥିବା ବେଳେ ସଞ୍ଜୟଙ୍କ ଦେଖା ମିଳି ନ ଥିଲା। ଖୋଜାଖୋଜି ସତ୍ତ୍ୱେ ତାଙ୍କୁ ନ ପାଇବାରୁ ସ୍କୁଲ୍ କର୍ତ୍ତୃପକ୍ଷ ପରିବାର ଲୋକଙ୍କୁ ଯୋଗାଯୋଗ କରିଥିଲେ।



ଧରିତ୍ରୀ ଓ ଓଡ଼ିଶା ପୋଷ୍ଟର 'ପ୍ଲାଷ୍ଟିକ ଫ୍ରି ଓଡ଼ିଶା' ଅଭିଯାନକୁ ସମର୍ଥନ ଜଣାଉଛନ୍ତି ଭୁବନେଶ୍ୱର କଳିଙ୍ଗନଗରସ୍ଥିତ ଡିଏଭି ପବ୍ଲିକ ସ୍କୁଲର ଛାତ୍ରୀଛାତ୍ରମାନେ।

## ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍‌ଫି ଉଠାଇ metroselfie@gmail.com ରେ ଆମର ସେଲ୍‌ଫି କର୍ନରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।








@ ଜ୍ଞାନ



@ ଶୁଭଶ୍ରୀ



@ ଦେବାଶିଷ୍



@ ଅଶ୍ୱିନୀ



@ ଯୁବରାଜ



@ ସ୍ୱାଇଁରାଜ

**ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ** | metroselfie@gmail.com (ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)



ଅହଂକାରୀ ଲୋକ କେବେହେଲେ କୃତଜ୍ଞ ହୁଏ ନାହିଁ, କାରଣ ସିଏ ଯେତିକି ପାଇବା ପାଇଁ ହକ୍‌ଦାର ତା'ଠାରୁ ଅଧିକ ପାଇଲାଣି ବୋଲି ଆଦୌ ବିଚାର କରେ ନାହିଁ।
- ସାମୁଏଲ୍ ଜନ୍‌ସନ



# ରଣକ୍ଷେତ୍ର ପାଲଟିଲା ବିଜେବି କଲେଜ

- ୨ ଛାତ୍ର ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ
- ପ୍ରଫେସରଙ୍କ ସହିତ ୭ ଛାତ୍ରୀଛାତ୍ର ଆହତ
- କଲେଜ ପୋଲିସ ଛାଉଣୀ

ଭୁବନେଶ୍ୱର, ୨୦।୮(ବ୍ୟୁରୋ)/କଟକରୋଡ୍(ଡି.ଏନ୍.ଏ.)

ନିର୍ବାଚନ ପାଇଁ ତାରିଖ ଘୋଷଣା ହୋଇନି। ନିର୍ବାଚନ ହେବ କି ନାହିଁ ତାହା ମଧ୍ୟ ସ୍ଥିର ହୋଇନାହିଁ। କିନ୍ତୁ ଏବେଠୁ ବିଜେବି କଲେଜରେ ୨ ଛାତ୍ର ଗୋଷ୍ଠୀ ମଧ୍ୟରେ ଆରମ୍ଭ ହୋଇଛି ସଂଘର୍ଷ। ସୋମବାର ଉଭୟ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ଯୋଗୁ କଲେଜ କ୍ୟାମ୍ପସ ରଣକ୍ଷେତ୍ରରେ ପରିଣତ ହୋଇଥିଲା। ହକି ଷ୍ଟିକ୍, ଲୁହା ରଡ୍‌ରେ ପରସ୍ପରଙ୍କୁ ଆକ୍ରମଣ ଫଳରେ ଆନ୍ଥ୍ରୋପୋଲୋଜି ପ୍ରଫେସର ଇତିଶ୍ରୀ ପାଢ଼ୀଙ୍କ ସହିତ ଜଣେ ଛାତ୍ରୀ ଏବଂ ୬ ଛାତ୍ର ଆହତ ହୋଇଛନ୍ତି। ଘଟଣା ପରେ କ୍ୟାମ୍ପସରେ ୫ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ହୋଇଥିବାବେଳେ ଉଭୟ ଗୋଷ୍ଠୀର ସମର୍ଥକଙ୍କ ମଧ୍ୟରେ ଛକାପଞ୍ଝା ଲାଗିରହିଛି। ଆହତମାନେ ହେଲେ ଗୋଟିଏ ଗୋଷ୍ଠୀର ଯୁକ୍ତ ୩ ଶେଷ ବର୍ଷ ଛାତ୍ର ସୌମିତ୍ରୀ ବଚ୍ଛଳ ଦାଶ, ଆଫ୍ରିଦ ଅହମ୍ମଦ(ଯୁକ୍ତ ୩ ଶେଷ ବର୍ଷ ବିଜ୍ଞାନ), ଆଦିତ୍ୟ ପ୍ରସାଦ(ଯୁକ୍ତ ୩ ଦ୍ୱିତୀୟ ବର୍ଷ କଳା), ଦୀପକ ଭୋଇ(ଯୁକ୍ତ ୩ ଦ୍ୱିତୀୟ ବର୍ଷ ସୋସିଓଲେଜି) ଏବଂ ଅନ୍ୟ ଗୋଷ୍ଠୀର ସାଇ ରଞ୍ଜନ ବେହେରା, ରାଜନ ପଣ୍ଡା ଓ ଛାତ୍ରୀ ଶ୍ୱେତା ଦାଶ। ଏନେଇ ଉଭୟ ପକ୍ଷରୁ ବଡଗଡ ଥାନାରେ ୩ ଅଭିଯୋଗ କରାଯାଇଛି। ପୋଲିସ ୩ଟି ମାମଲା ରୁଜୁ କରି ତଦନ୍ତ କରୁଛି।

ସୂଚନା ମୁତାବକ, କିଛିଦିନ ତଳେ ଏକ ନିର୍ଦ୍ଦିଷ୍ଟ ଦଳର ସୌମିତ୍ରୀ ବଚ୍ଛଳ ଦାଶଙ୍କ ସମେତ କେତେଜଣ ପିଲା ଅନ୍ୟ ଏକ ଦଳରେ ଯୋଗଦେଇଥିଲେ। ସୌମିତ୍ରୀ ଓ ତାଙ୍କ ସମର୍ଥକଙ୍କ ଯୋଗଦାନକୁ ଉକ୍ତ ଦଳର କେତେଜଣ ଛାତ୍ର ସମର୍ଥନ କରୁ ନ ଥିଲେ। ଏହି ଦଳର ସାଇରଞ୍ଜନ ବେହେରା ଆଗାମୀ ଛାତ୍ର ସଂସଦ ନିର୍ବାଚନରେ ଆଶାୟୀ ସଭାପତି ପ୍ରାର୍ଥୀଭାବେ ନିର୍ବାଚନ ଲଢ଼ିବାକୁ ପ୍ରସ୍ତୁତ ହେଉଥିବାବେଳେ ନୂଆ ଭାବେ ଯୋଗଦେଇଥିବା ସୌମିତ୍ରୀ ମଧ୍ୟ ସଭାପତି ପ୍ରାର୍ଥୀ ହେବା ପାଇଁ ଆଶାୟୀ ଥିଲେ। ଏହାକୁ ନେଇ ଦୁଇ ଛାତ୍ର ନେତାଙ୍କ ମଧ୍ୟରେ ବିବାଦ ଆରମ୍ଭ ହୋଇଥିଲା। ଗତ ଶନିବାର ଗୋଟିଏ ଗୋଷ୍ଠୀର ପିଲାମାନେ ସୌମିତ୍ରୀ ବଚ୍ଛଳଙ୍କ ପିଲାଙ୍କୁ ମାଡ ମାରିଥିଲେ। ସୋମବାର ପୂର୍ବାହ୍ନ ପ୍ରାୟ ୧୦ଟାରେ କଲେଜ ଖୋଲିଥିଲା। ସାଇରଞ୍ଜନ ବେହେରା କଲେଜ କ୍ୟାମ୍ପସରେ ଥିବାବେଳେ ଅପର ଗୋଷ୍ଠୀର ୧୨ଜଣ ପିଲା ପହଞ୍ଚି ହକି ଷ୍ଟିକ୍ ଓ ଲୁହା ରଡ୍‌ରେ ସାଇରଞ୍ଜନଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ପରେ ସେମାନେ ସାଇନ୍ସ ବ୍ଲକ ନିକଟରେ ଥିବା ରାଜନ ପଣ୍ଡାଙ୍କୁ ମଧ୍ୟ ଆକ୍ରମଣ କରିଥିଲେ। ସାଇନ୍ସ ବ୍ଲକ୍ ସମ୍ମୁଖରେ ଥିବା ସାଇରଞ୍ଜନଙ୍କ ସମର୍ଥକମାନେ ସେମାନଙ୍କୁ ଅଟକାଇ ପ୍ରତିଆକ୍ରମଣ କରିଥିଲେ। ୨ ଗୋଷ୍ଠୀ ମଧ୍ୟରେ ୧୫ ମିନିଟ ଧରି ଆକ୍ରମଣ ଓ ପ୍ରତିଆକ୍ରମଣ ଚାଲିଥିଲା। ଗଣ୍ଡଗୋଳ ସମୟରେ ଆନ୍ଥ୍ରୋପୋଲୋଜି ବିଭାଗ ପ୍ରଫେସର ଇତିଶ୍ରୀ ସେମାନଙ୍କୁ ଅଟକାଇବାକୁ ଚେଷ୍ଟା କରି ଆକ୍ରମଣର ଶିକାର ହୋଇଥିଲେ। ଖବର ପାଇ ପୋଲିସ ପହଞ୍ଚି ଆହତ ହୋଇଥିବା ଦୁଇ ଗୋଷ୍ଠୀର ପିଲାଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲା। ଘଟଣା ସମ୍ପର୍କରେ କଲେଜ ଅଧ୍ୟକ୍ଷ ପ୍ରସନ୍ନ କୁମାର ମହାନ୍ତି କହିଛନ୍ତି, ୨ ଛାତ୍ର ଗୋଷ୍ଠୀଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିବା ଖବର ପାଇଛି। ଆମ ନିକଟରେ ଜଣେ ଛାତ୍ର ଅଭିଯୋଗ କରିଛନ୍ତି। ଘଟଣାର ତଦନ୍ତ କରି ରିପୋର୍ଟ ଦେବାକୁ ପୋଲିସକୁ କୁହାଯାଇଛି। ରିପୋର୍ଟ ଆଧାରରେ ଦୋଷୀ ଛାତ୍ରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ହସ୍ପିଟାଲ, ଥାନା ଆଗରେ ହାତାହାତି

କଲେଜରେ ଆହତ ହେବା ପରେ ପୋଲିସ ସେମାନଙ୍କୁ କ୍ୟାପିଟାଲ ହସ୍ପିଟାଲ ଆଣିଥିଲା। ସେଠାରେ ଦୁଇ ଗୋଷ୍ଠୀ ପୁଣି ହାତାହାତି ହୋଇଥିଲେ। ଉପସ୍ଥିତ ପୋଲିସ କର୍ମଚାରୀ ସେମାନଙ୍କୁ ଅଟକାଇଥିଲେ। ସେହିଭଳି ବଡଗଡ ଥାନାକୁ ଦୁଇ ଗୋଷ୍ଠୀ ଅଭିଯୋଗ କରିବାକୁ ଯାଇଥିବାବେଳେ ପୁଣି ହାତାହାତି ହୋଇଥିଲେ। ପୋଲିସ ସେମାନଙ୍କୁ ଲାଠି ଧରି ଘଉଡାଇଥିଲା।



ଛାତ୍ରୀଛାତ୍ରମାନେ ପୋଲିସ ନିକଟରେ ଅଭିଯୋଗ କରୁଛନ୍ତି।



ଆହତ ଛାତ୍ରମାନେ।

ଶ୍ରାବଣ ଶେଷ ସୋମବାର

## ଶ୍ରୀଲିଙ୍ଗରାଜ ମନ୍ଦିରରେ ୩୫ ହଜାର ଭକ୍ତ

**ବ୍ଲେଡ୍ ଉପରେ ଲାଗିଲା କଟକଣା**

ପୁରୁଣା ଭୁବନେଶ୍ୱର, ୨୦।୮( ଡି.ଏନ୍.ଏ.)

ଶ୍ରାବଣ ମାସର ଶେଷ ସୋମବାରରେ ଶ୍ରୀଲିଙ୍ଗରାଜଙ୍କଠାରେ ରାଜ୍ୟ ଓ ବାହାର ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ୩୫ ହଜାର କାଉଡିଆ ଜଳଲାଗି କରିଛନ୍ତି। ପୂର୍ବ ପାଳିଗୁଡିକରେ ଶତାଧିକ ଫାଇବର ଓ ବ୍ଲେଡ଼ ମନ୍ଦିର ଭିତରକୁ କାଉଡିଆ ଶ୍ରଦ୍ଧାଳୁମାନେ ନେଇଥିଲେ। ସେମାନେ ଶିକାରେ ଲାଗିଥିବା ସୁତୁଲିକୁ କାଟିବା ଲାଗି ବ୍ଲେଡ଼ର ବ୍ୟବହାର କରିଥିଲେ। ଏହାକୁ ବିକ୍ଷିପ୍ତ ଭାବେ ମନ୍ଦିର ପରିସରରେ ଏଣେ ତେଣେ ପକାଇ ଚାଲି ଯାଇଥିଲେ। ଫଳରେ ସଫେଇ କରୁଥିବା ସ୍ୱେଚ୍ଛାସେବୀମାନଙ୍କର ହାତ ଓ ଗୋଡ କଟି ଯାଇ ରକ୍ତ ବାହାରିଥିଲା। ଏହାକୁ ନେଇ ସ୍ୱେଚ୍ଛାସେବୀମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। ଏହାକୁ ଦୃଷ୍ଟିରେ ରଖି ମନ୍ଦିର ପ୍ରଶାସନ ପକ୍ଷରୁ ସୋମବାର ନଜଣ କର୍ମଚାରୀ ନିୟୋଜିତ ହୋଇ ୬ଟି କଟରରେ ସୁତୁଲି କାଟିବାର ବ୍ୟବସ୍ଥା କରିଥିଲେ। ଏହା ବ୍ୟତୀତ ଶୃଙ୍ଖଳିତ ଜଳଲାଗି ନେଇ ବିଭିନ୍ନ ବ୍ୟବସ୍ଥା ମଧ୍ୟ ହୋଇଥିଲା। ମନ୍ଦିର ଟ୍ରଷ୍ଟ ବୋର୍ଡ କାର୍ଯ୍ୟନିର୍ବାହୀ ଅଧିକାରୀ ପଦୀପ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଥାନା ଆଇଆଇସି ଜନାର୍ଦ୍ଦନ ପାଢୀ, ସୁରକ୍ଷା ପୋଲିସ, ମନ୍ଦିର କର୍ମଚାରୀ ଓ ସ୍ୱେଚ୍ଛାସେବୀ କର୍ମୀଙ୍କ ସୁପରିଚାଳନାରେ ଶୃଙ୍ଖଳିତ ଜଳଲାଗି ଶେଷ ହୋଇଥିଲା। ଏହି ଅବସରରେ ରବିବାର ଋଷିକେଶରେ ଭଗବତନନ୍ଦ ଜୀ ଭଜନମଣ୍ଡପରେ ପ୍ରବଚନ ଦେଇଥିଲେ।

## ସଂକ୍ଷେପରେ

### ୨୨ରୁ 'ଚିନ୍ତା ଓ ଚେତନା'ର ବର୍ଷା ଉତ୍ସବ

ଭୁବନେଶ୍ୱର,୨୦।୮(ବ୍ୟୁରୋ): 'ଚିନ୍ତା ଓ ଚେତନା'ର ୪୦ତମ ବର୍ଷା ଉତ୍ସବ ଆସନ୍ତା ୨୨ ଓ ୨୩ତାରିଖ ଦୁଇଦିନ ବ୍ୟାପୀ ରବୀନ୍ଦ୍ର ମଣ୍ଡପଠାରେ ଅନୁଷ୍ଠିତ ହେବ। କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଏବଂ ରାଜ୍ୟ ସଂସ୍କୃତି ବିଭାଗର ମିଳିତ ଆନୁକୂଲ୍ୟରେ ଆୟୋଜିତ ହେବାକୁ ଥିବା ଏହି ଜାତୀୟ ମହୋତ୍ସବକୁ ଓଡ଼ିଶାର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ଉଦ୍‌ଘାଟନ କରିବେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ମନ୍ତ୍ରୀ, ପ୍ରଶାସନିକ ଅଧିକାରୀ, କଳାକାର, ଲେଖକ ପ୍ରମୁଖ ଯୋଗଦେବା କାର୍ଯ୍ୟକ୍ରମ ରହିଛି। ଏହି ଅବସରରେ ରାଜ୍ୟପାଳଙ୍କୁ ସମ୍ମାନଜନକ ନୀଳଚକ୍ର ସମ୍ମାନ ପ୍ରଦାନ କରାଯିବ। ଏହି ଦୁଇଦିନିଆ କାର୍ଯ୍ୟକ୍ରମରେ ଓଡ଼ିଶାର ବିଶିଷ୍ଟ କଳାକାର, ସୃଜନର ଶିଳ୍ପୀ, ନୂଆଦିଲ୍ଲୀର ବିଶିଷ୍ଟ ସୀତାର ବାଦକ ସୁବ୍ରତ ଦେ, ବିଶିଷ୍ଟ ତବଲାବାଦକ ଅମିତାଭ ସେନ ଓ ଉସ୍ତାଦ ଜମୀର ଖାଁ, ବିଶିଷ୍ଟ ନୃତ୍ୟାଙ୍ଗନା ବୀଣା ସିଂ ଶେଷାଦ୍ରୀ, ପ୍ରଫେସର ରାମହରି ଦାସ, ଡ. ବିଜୟ କୁମାର ଜେନା ପ୍ରମୁଖ ବର୍ଷା ଉପରେ ଆଧାରିତ ସଙ୍ଗୀତ ଏବଂ ନୃତ୍ୟ ପରିବେଷଣ କରିବେ।

### ଅଟୋକୁ ଧକ୍କାଦେଲା ବସ୍, ୫ ଆହତ

ବାଲିପାଟଣା,୨୦।୮(ଡି.ଏନ୍.ଏ ): ବାଲିପାଟଣା ଥାନା ଅନ୍ତର୍ଗତ ଗାରେଡିପାଞ୍ଚଣ ଛକଠାରେ ଏକ ଟୁରିଷ୍ଟ ବସ ଏକ ଅଟୋ ପଛକୁ ଧକ୍କା ଦେଇଥିଲା। ଫଳରେ ଅଟୋରେ ଥିବା ୫ଜଣ ଆହତ ହୋଇ କ୍ୟାପିଟାଲ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ସେମାନେ ହେଲେ ଡି. ସୁତାର, ଏସ.ସୁତାର, ଏସ.ସ୍ୱରୂପ ସୁତାର, ଲକ୍ଷ୍ମୀପ୍ରିୟା ସୁତାରଙ୍କ ସମେତ ଅଟୋ ଡ୍ରାଇଭର ପ୍ରସନ୍ନ କୁମାର ଖୁଣ୍ଟିଆ। ସୂଚନା ଅନୁଯାୟୀ, ମାହାଙ୍ଗା ଅଞ୍ଚଳର ଗୋଟିଏ ପରିବାର ୪ଜଣ ସଦସ୍ୟ ପୁରୀ ଓ କୋଣାର୍କ ପରିଦର୍ଶନ କରି ନିମାପଡ଼ା-ଉତ୍ତରା ରାସ୍ତାଦେଇ ଭୁବନେଶ୍ୱର ଫେରୁଥିଲେ। ଗାରେଡିପାଞ୍ଚଣ ଛକଠାରେ ଏକ ବାଇକ୍ ମୁଖ୍ୟ ରାସ୍ତାକୁ ପଶିଯିବାରୁ ଅଟୋ(ଓଆର ୦୨ ବିଜେଡ ୨୯୫୨) ହଠାତ ବ୍ରେକ ମାରିଥିଲା। ପଛରୁ ଆସୁଥିବା ଏକ ବସ ଅଟୋକୁ ଧକ୍କା ଦେଇଥିଲା। ଦୁର୍ଘଟଣାରେ ଅଟୋ ରାସ୍ତା ପାର୍ଶ୍ୱକୁ ଓଲଟି ପଡିଥିବା ବେଳେ ଧକ୍କା ଦେଇଥିବା ଟୁରିଷ୍ଟ ବସ ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ବାଲିପାଟଣା ଥାନା ପୋଲିସ କହିଛି।

### ସାମାଜିକ କର୍ମୀ କାଳୀପ୍ରସାଦ ସାମନ୍ତରାୟଙ୍କ ପରଲୋକ



ଭୁବନେଶ୍ୱର, ୨୦।୮(ବ୍ୟୁରୋ): ସାମାଜିକ କର୍ମୀ ତଥା ବିଜୁ ପଟ୍ଟନାୟକ କମ୍ପ୍ୟୁଟର ଏକାଡେମୀର ପ୍ରତିଷ୍ଠାତା କାଳୀପ୍ରସାଦ ସାମନ୍ତରାୟଙ୍କ ୫୫ବର୍ଷ ବୟସରେ ପରଲୋକ ଘଟିଛି। ଶନିବାର ମୁମ୍ବାଇସ୍ଥିତ ଏକ ହସ୍ପିଟାଲରେ ସନ୍ଧ୍ୟା ୬ଟାରେ ତାଙ୍କର ଦେହାନ୍ତ ହୋଇଛି। ସେ ଗତ କିଛିବର୍ଷ ଧରି କର୍କଟ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିଲେ। ୧୯୬୩ ଡିସେମ୍ବର ୧୫ରେ ବାଲିପାଟଣା ବ୍ଲକ ଆମଣାକୁଦରେ ଜନ୍ମଗ୍ରହଣ କରିଥିବା କାଳୀପ୍ରସାଦ ସମାଜସେବା, ଶିକ୍ଷା ଓ ସଂସ୍କୃତି କ୍ଷେତ୍ରରେ ନିଜକୁ ସମ୍ପୂର୍ଣ୍ଣ ଭାବେ ସମର୍ପିତ କରିଥିଲେ। ବିଚ୍ଛିନ୍ନାଞ୍ଚଳରେ ଓଡ଼ିଆ ଭାଷା ସଂସ୍କୃତିର ପ୍ରଚାର ପ୍ରସାର କରିବା ସହିତ ଝାଡ଼ଖଣ୍ଡରେ ଓଡ଼ିଆ ଭାଷାକୁ ଦ୍ୱିତୀୟ ରାଜଭାଷାର ମାନ୍ୟତା ଦେବାରେ ତାଙ୍କର ଅନନ୍ୟ ଭୂମିକା ଥିଲା। ଜନ୍ମମାଟିରେ ବନ ବିଦ୍ୟାଳୟ ଖୋଲିବା ସହିତ ଭୁବନେଶ୍ୱରରେ ବିଭିନ୍ନ ଶିକ୍ଷାନୁଷ୍ଠାନ ଖୋଲିଛନ୍ତି। ତାଙ୍କ ସ୍ତ୍ରୀ ସୁଜାତା ସାମନ୍ତରାୟ ଜଣେ ଅଧ୍ୟାପିକା ଥିବାବେଳେ କନ୍ୟା ଡାକ୍ତର ଓ ଅନ୍ୟ ସନ୍ତାନ ଶିକ୍ଷାଗ୍ରହଣ କରୁଛନ୍ତି।

### ଅବସରପ୍ରାପ୍ତ ପ୍ରଶାସକ ପର୍ଶୁରାମ ବ୍ରହ୍ମାଙ୍କ ପରଲୋକ

ଭୁବନେଶ୍ୱର,୨୦।୮(ବ୍ୟୁରୋ): ବରିଷ୍ଠ ପ୍ରଶାସକ ତଥା ଅବସରପ୍ରାପ୍ତ ଆଇଏଏସ୍ ଅଫିସର ପର୍ଶୁରାମ ବ୍ରହ୍ମାଙ୍କ ପରଲୋକ ହୋଇଯାଇଛି। ଗତ ୧୫ତାରିଖ ସନ୍ଧ୍ୟାରେ ବିଜେବି ନଗରସ୍ଥିତ ତାଙ୍କ ବାସଭବନରେ ସେ ଇହଧାମ ତ୍ୟାଗ କରିଛନ୍ତି। ତାଙ୍କୁ ୯୧ବର୍ଷ ହୋଇଥିଲା। ରାଜ୍ୟ ସରକାରଙ୍କ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଭାଗରେ ବ୍ରହ୍ମା ସଫଳ ଭାବେ କାର୍ଯ୍ୟ ତୁଲାଇଥିଲେ। ରାଜ୍ୟ ଅବକାରୀ କମିଶନର ଭାବେ ସେ ଅବସର ଗ୍ରହଣ କରିଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିବା ବେଳେ ତାଙ୍କର ଏକମାତ୍ର ପୁତ୍ର ପୂର୍ଣ୍ଣେନ୍ଦୁ ମୁଖାଗ୍ନି ଦେଇଥିଲେ।



ରାଜୀବଗାନ୍ଧୀ ଷ୍ଟୁଡେଣ୍ଟ୍ସ ଫୋରମ୍ ଏବଂ ରାଜୀବଗାନ୍ଧୀ ଷ୍ଟଡି ସର୍କଲର ମିଳିତ ଆନୁକୂଲ୍ୟରେ ସୋମବାର ସୂଚନାଭବନଠାରେ ଆୟୋଜିତ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ଅତିଥିଙ୍କ ଗହଣରେ ରାଜୀବଗାନ୍ଧୀ ଛାତ୍ର ପ୍ରତିଭା ସମ୍ମାନ ପାଇଥିବା କୃତୀ ପ୍ରତିଭାମାନେ।

## ଚାକିରି ଲୋଭ ଦେଖାଇ ୨.୫ ଲକ୍ଷ ଠକେଇ, ଜଣେ ଗିରଫ

ଭୁବନେଶ୍ୱର, ୨୦।୮(ବ୍ୟୁରୋ)

ଆରପିଏଫ୍‌ରେ ଚାକିରି କରାଇଦେବା ଆଳରେ ୨ ଲକ୍ଷ ୫୦ ହଜାର ଟଙ୍କା ଠକେଇ କରିଥିବା ଜଣେ ଅଭିଯୁକ୍ତଙ୍କୁ ମଞ୍ଚେଶ୍ୱର ପୋଲିସ ସୋମବାର ଗିରଫ କରିଛି। ସେ ହେଲେ ଜିଜିପି କଲୋନୀରେ ରହୁଥିବା ଯାଜପୁର ଜିଲା ବିଞ୍ଝାରପୁର ଅଞ୍ଚଳର ବଳରାମ ବେହେରା(୩୨)। ସୂଚନା ମୁତାବକ, ପାଣ୍ଡରା ଅଞ୍ଚଳର କରୁଣାକର ବେହେରା ଜିଜିପି କଲୋନୀରେ ମାଛ ବ୍ୟବସାୟ କରି ପରିବାର ଚଳାନ୍ତି। ମାଛ କିଣାବିକା ବେଳେ ବଳରାମଙ୍କ ସହ ତାଙ୍କର ଦେଖା ହୋଇଥିଲା। କରୁଣାକରଙ୍କ ପୁଅ କଲେଜରେ ପାଠ ପଢୁଥିବା ବେଳେ ତାଙ୍କର ଉପରିସ୍ଥ ଅଫିସରଙ୍କ ସହ ସୁସମ୍ପର୍କ ଥିବାରୁ ସିଆରପିଏଫରେ ଚାକିରି କରାଇଦେବାକୁ ବଳରାମ ପ୍ରତିଶ୍ରୁତି ଦେଇଥିଲେ। କରୁଣାକରଙ୍କ ପୁଅ ଚାକିରି ପାଇଁ ଆବେଦନ କରି ପରୀକ୍ଷା ଦେଇଥିଲେ। ଉପରିସ୍ଥ ଅଧିକାରୀଙ୍କୁ ୩ଲକ୍ଷ ଟଙ୍କା ହାତଗୁଞ୍ଜା ଦେଲେ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ସହ ଚାକିରି ନିଶ୍ଚିତ ବୋଲି ବଳରାମ ତାଙ୍କୁ ଲୋଭ ଦଖାଇଥିଲେ। ସେ କରୁଣାକରଙ୍କଠାରୁ ୨ ଲକ୍ଷ ୫୦ ହଜାର ଟଙ୍କା ନେଇ ବାକି ଟଙ୍କା ନିଯୁକ୍ତି ପରେ ଦେବାକୁ କହିଥିଲେ। ମାତ୍ର ପରବର୍ତ୍ତୀ ସମୟରେ ଚାକିରି ମିଳିବା ଦୂରର କଥା ବଳରାମଙ୍କ ଧରାଛୁଆଁ ମିଳି ନ ଥିଲା। ଏ ନେଇ କରୁଣାକର ରବିବାର ମଞ୍ଚେଶ୍ୱର ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(୪୦୫/୧୮) ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ପୋଲିସ ବଳରାମଙ୍କ ମୋବାଇଲ ଫୋନକୁ ଟ୍ରାକ କରି ସୋମବାର ତାଙ୍କୁ ଗିରଫ କରିଥିଲା। ସମାନ ଢଙ୍ଗରେ ସେ ନୟାପଲ୍ଲୀ ଅଞ୍ଚଳର ଜଣେ ଯୁବକଙ୍କୁ ଲକ୍ଷାଧିକ ଟଙ୍କା ଠକେଇ କରି ଜେଲ ଯାଇଥିବା ତଦନ୍ତରୁ ଜଣାପଡିଛି।

ଛାତ୍ରଙ୍କୁ ମାଡ ମାରି ମୁଣ୍ଡ ଫଟାଇବା ଘଟଣା

## ୪ କିନ୍ନର ଗିରଫ

ଭୁବନେଶ୍ୱର, ୨୦।୮(ବ୍ୟୁରୋ)

ଖଣ୍ଡଗିରି ଥାନା ଅନ୍ତର୍ଗତ ଜୟଦେବ ବାଟିକା ଅଞ୍ଚଳରେ କିନ୍ନରମାନେ ୨ଛାତ୍ରଙ୍କୁ ଅଟକାଇ ବାଇକ ଓ ଟଙ୍କା ଛଡାଇବା ସହିତ ମାଡ ମାରି ମୁଣ୍ଡ ଫଟାଇଥିଲେ। ଏହି ଘଟଣାରେ ପୋଲିସ ନିଜ ଆଡୁ ଦଫା ୩୪୧, ୩୮୫, ୨୯୪, ୫୦୬, ୩୪ରେ ଏକ ମାମଲା(୩୬୪/୧୮) ରୁଜୁ କରିବା ସହ ୪ କିନ୍ନରଙ୍କୁ ସୋମବାର ଗିରଫ କରିଛି। ସେମାନେ ହେଲେ ଅନୁଗୋଳ ଜିଲା ରଙ୍ଗଲିର କଙ୍ଗନା କରନ, ଭଦ୍ରକ ଟାଉନର ପ୍ରକାଶ ସାହୁ, ଦେବଗଡ ଜିଲା ବାମପରଦାର ଦମୟନ୍ତୀ ପ୍ରଧାନ ଓ ଭତରପୁରରେ ରହୁଥିବା ଆନି ଦତ୍ତ।

ସୂଚନାଯୋଗ୍ୟ, ରବିବାର ରାତି ପ୍ରାୟ ସାଢ଼େ ୮ଟାରେ ୨ଜଣ ଇଞ୍ଜିନିୟରିଂ ଛାତ୍ର ଜୟଦେବ ବାଟିକା ବସ୍‌ଷ୍ଟାଣ୍ଡ ନିକଟକୁ ଆସିଥିଲେ। ସେମାନେ କିନ୍ନରଙ୍କ ସହ ଯୌନ ସମ୍ପର୍କ ରଖିବା ପାଇଁ ଟଙ୍କା ମୂଲଚାଲ କରିଥିଲେ। କୌଣସି କଥାକୁ ନେଇ ସେମାନଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ କିନ୍ନରମାନେ ଛାତ୍ରଦ୍ୱୟଙ୍କୁ ମାଡ ମାରି ସେମାନଙ୍କ ଗାଡି ଓ ଟଙ୍କା ଲୁଟି ନେଇଥିଲେ। କିନ୍ନରଙ୍କ ମାଡରେ ୨ ଛାତ୍ରଙ୍କ ମୁଣ୍ଡ ଫାଟିଯାଇଥିଲା।

ସ୍ଥାନୀୟ ଅଞ୍ଚଳରେ କିନ୍ନରଙ୍କ ଉତ୍ପାତ ବଢୁଥିବା ଲୋକେ ଅଭିଯୋଗ କରୁଥିଲେ ହେଁ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବା ଅଭିଯୋଗ ହେଉଛି। ଏ ନେଇ ଡିସିପି ଅନୁପ କୁମାର ସାହୁ କହିଛନ୍ତି, କିନ୍ନରମାନଙ୍କୁ ସାବାଡ କରାଯିବ। ଖଣ୍ଡଗିରି ଓ ଅନ୍ୟ ସ୍ଥାନରେ ଯେଉଁଠି କିନ୍ନରମାନେ ଦେହ ବ୍ୟବସାୟ କରୁଛନ୍ତି ସେଠାରେ ପାଟ୍ରୋଲିଂ ବଢାଯିବା ସହ ପୋଲିସ ମୁତୟନ ରହିବେ।



ଭୁବନେଶ୍ୱର ପ୍ରେସ୍ ଛକ ନିକଟ ଦକ୍ଷିଣକାଳୀ ମନ୍ଦିର ପ୍ରାଙ୍ଗଣରେ ସୋମବାର ଓଡ଼ିଆ ଚଳଚ୍ଚିତ୍ର 'ତୁ ମୋ ଡ୍ରିମ୍‌ଗର୍ଲ'ର ଶୁଭ ମହୁରତ ଅବସରରେ ଉପସ୍ଥିତ କଳାକାର ଓ ଅନ୍ୟମାନେ।

■ ଯୁବକଙ୍କ ସନ୍ଦେହଜନକ ମୃତ୍ୟୁକୁ ନେଇ ଉତ୍ତେଜନା

## ଥାନା ବିବାଦ: ୧୨ ଘଣ୍ଟା ରାସ୍ତାରେ ପଡ଼ି ରହିଲା ମୃତଦେହ

ଗୋପ,୨୦।୮(ଡି.ଏନ୍.ଏ.)

ଗୋପ-ବାଲିଘାଇ ରାସ୍ତାର ଜାଉଁଳିପୋଖରୀ ନିକଟ ରାସ୍ତାରେ ରବିବାର ରାତ୍ରି ୧୧ଟାରେ ସଡ଼କ ଦୁର୍ଘଟଣାରେ ବେଗୁନିଆ ଗାଁର ନିରଞ୍ଜନ ବେହେରା (୩୨)ଙ୍କ ମୃତ୍ୟୁ ଘଟିଥିଲା। ଏହା ଏକ ହତ୍ୟାକାଣ୍ଡ ବୋଲି ନିରଞ୍ଜନଙ୍କ ପରିବାର ଲୋକଙ୍କ ସହ ସ୍ଥାନୀୟ ଅଞ୍ଚଳର ଶତାଧିକ ଲୋକ ସୋମବାର ଅଭିଯୋଗ କରିଥିଲେ। ଏହାର ପ୍ରତିବାଦରେ ଗୋପ-କୋଣାର୍କ ରାସ୍ତାକୁ ୯ ଘଣ୍ଟା ଓ ଗୋପ-ବାଲିଘାଇ ରାସ୍ତାର ଜାଉଁଳିପୋଖରୀଠାରେ ମଧ୍ୟ ଉତ୍ତ୍ୟକ୍ତ ଲୋକେ ୪ ଘଣ୍ଟା ରାସ୍ତାରୋକୋ କରିଥିଲେ। ଏହି ଘଟଣାକୁ କେନ୍ଦ୍ରକରି ଗୋପ ଓ ରାମଚଣ୍ଡୀ ଥାନା ମଧ୍ୟରେ ସୀମା ବିବାଦ ଲାଗି ରହିଥିଲା। ଫଳରେ ୧୨ ଘଣ୍ଟା ଧରି ରାସ୍ତା ଉପରେ ମୃତଦେହ ପଡ଼ି ରହିଥିଲା। ଘଟଣାସ୍ଥଳରେ ଏସ୍‌ଡିପିଓ ନିରଞ୍ଜନ ପାଢ଼ୀ ପହଞ୍ଚି ରାମଚଣ୍ଡୀ ଥାନା ପୋଲିସକୁ ନିର୍ଦ୍ଦେଶ ଦେବା ପରେ ମୃତଦେହ ବ୍ୟବଚ୍ଛେଦ ଲାଗି ପଠା ଯାଇଥିଲା। ରାସ୍ତାରୋକୋ ସ୍ଥାନରେ ନିମାପଡ଼ା ଏସ୍‌ଡିପିଓ ପାଢ଼ୀ, ଗୋପ ତହସିଲଦାର ଦୁର୍ଗାଚରଣ ମୁର୍ମୁ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ଦୀର୍ଘ ସମୟ ଧରି ବୁଝାସୁଝା କରିଥିଲେ। ହେଲେ ରାସ୍ତାରୋକୋ ହଟି ନ ଥିଲା। ଘଟଣାସ୍ଥଳରେ ଅଗ୍ନିଶମ ଗାଡ଼ି ପହଞ୍ଚିଥିବାବେଳେ ଉତ୍ତ୍ୟକ୍ତ ଲୋକ ଗାଡ଼ି ଭଙ୍ଗାରୁଜା କରିବାକୁ ଉଦ୍ୟମ କରିଥିଲେ। ଫଳରେ ଅଗ୍ନିଶମ କର୍ମଚାରୀମାନେ ଫେରି ଯାଇଥିଲେ। ଦୀର୍ଘ ୯ ଘଣ୍ଟା ଧରି ରାସ୍ତାରୋକୋ ଜାରି ରହିବା ଫଳରେ ଦେଶ ବିଦେଶରୁ ଆସିଥିବା ଶତାଧିକ ପର୍ଯ୍ୟଟକ କୋଣାର୍କ ସୂର୍ଯ୍ୟ ମନ୍ଦିର ଦେଖି ନ ପାରି ରାସ୍ତା କଡ଼ରେ ପଡ଼ି ରହିଥିଲେ। ପିପିଲି-କୋଣାର୍କ ରାସ୍ତାର ବେଗୁନିଆ ଛକ ନିକଟରେ ଏହି ଘଟଣାରେ ସମ୍ପୃକ୍ତ ଥିବା ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ, ମୃତକଙ୍କ ପରିବାରକୁ ୫୦ ଲକ୍ଷ ଟଙ୍କା କ୍ଷତିପୂରଣ ଦାବିରେ ସକାଳ ୯ ଟାରୁ ସନ୍ଧ୍ୟା ୬ଟା ରାସ୍ତାରୋକୋ କରାଯାଇଥିଲା। ଅପରାହ୍ନରେ ପୁରୀ ଉପଜିଲାପାଳ ଭବତାରଣ ସାହୁ, ଅତିରିକ୍ତ ଏସ୍‌ପି ଧୀରେନ୍ ନନ୍ଦ, କୋଣାର୍କ ଥାନା ଅଧିକାରୀ ସଞ୍ଜୀବ କୁମାର ପ୍ରଧାନ, କାକଟପୁର ଥାନା ଅଧିକାରୀ ଜ୍ୟୋତି ପ୍ରକାଶ ସ୍ୱାଇଁ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିଥିଲେ। ପରେ ପରିବାର ଲୋକଙ୍କୁ ରେଡ଼କ୍ରସ୍ ପାଣ୍ଠିରୁ ୧୦ ହଜାର ଟଙ୍କା କ୍ଷତିପୂରଣ ପ୍ରଦାନ ପାଇଁ ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ହଟିଥିଲା।



ବେଗୁନିଆ ଛକଠାରେ ଉତ୍ତ୍ୟକ୍ତ ଲୋକେ ରାସ୍ତାରୋକୋ କରିଛନ୍ତି।

- ୯ ଘଣ୍ଟା ରାସ୍ତାରୋକୋ
- କୋଣାର୍କ ସୂର୍ଯ୍ୟ ମନ୍ଦିର ଦେଖି ନ ପାରି ପର୍ଯ୍ୟଟକ ଫେରିଲେ
- ହତ୍ୟା ଅଭିଯୋଗ, ଜଣେ ଅଟକ

## ଜିଲାପାଳଙ୍କ ଜନଶୁଣାଣି ଶିବିର

ବାରଙ୍ଗ,୨୦।୮(ଡି.ଏନ୍.ଏ.)

ବାରଙ୍ଗ ପଞ୍ଚାୟତ ସମିତି ସଭାଗୃହରେ ସୋମବାର ଜିଲାପାଳଙ୍କ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ କଟକ ଜିଲାପାଳ ଅରବିନ୍ଦ ଅଗ୍ରୱାଲ, ଡିଆର୍‌ଡିଏ ପିଡି ସରୋଜ କୁମାର ମହାନ୍ତି, ଉପଜିଲାପାଳ ସୁକାନ୍ତ କୁମାର ପ୍ରଧାନ, ଆର୍‌ଡବ୍ଲ୍ୟୁଏସ୍ଏସ୍ ନିର୍ବାହୀ ଯନ୍ତ୍ରୀ ସଞ୍ଜୟ କୁମାର ସାମଲ, ଏସିପି ଗୁପ୍ତ ମହାକୁଡ଼, ବିଡିଓ ଆକୁଳ ଚରଣ ମଲ୍ଲିକ, ତହସିଲଦାର ରମେଶ ଚନ୍ଦ୍ର ଜେନା ପ୍ରମୁଖ ଉପସ୍ଥିତ ଥିଲେ। ବାରଙ୍ଗ ଡାକ୍ତରଖାନାରେ ଥିବା ଆୟୁଷ ବିଭାଗରେ ତାଲା ପଡ଼ିଥିବାରୁ ସାଧାରଣ ଲୋକେ ଆୟୁର୍ବେଦ ଚିକିତ୍ସାରୁ ବଞ୍ଚିତ ହେଉଥିବା ନେଇ ଅଭିଯୋଗ ଆସିଥିଲା। ସେହିଭଳି ମୁଖ୍ୟରାସ୍ତା ପାର୍ଶ୍ୱରେ ଥିବା କଲ୍‌ଭର୍ଟଗୁଡ଼ିକ ପୋତି ହୋଇଯିବାରୁ ବର୍ଷାଜଳ ନିଷ୍କାସନରେ ବାଧା ଉପୁଜି ଚାଷୀମାନେ ହଇରାଣ ହେଉଥିବା ରାମଦାସପୁର ପଞ୍ଚାୟତର ସୁନିଲ ସିଂ ଅଭିଯୋଗ ଆଣିଥିଲେ। ନଗରୀ ପଞ୍ଚାୟତର ରାଜକିଶୋର ସାହୁ ନାମକ ବ୍ୟକ୍ତି ତାଙ୍କ ଅଭିଯୋଗରେ ଦର୍ଶାଇଥିଲେ ଯେ, ବିଜୁ ପକ୍କାଘର ଓ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ହିତାଧିକାରୀ ତାଲିକାରେ ତାଙ୍କ ନାମ ରହିଛି। କିନ୍ତୁ ଗତ ୩ବର୍ଷ ହେବ ସେ ନିଜ ଅଧିକାରରୁ ବଞ୍ଚିତ ହୋଇ ରହିଛନ୍ତି। ଏହାବ୍ୟତୀତ ଶିକ୍ଷା, ପାନୀୟ ଜଳ, ରାସ୍ତାଘାଟ ଆଦି ସମସ୍ୟା ଉପରେ ଅଭିଯୋଗମାନ କରାଯାଇଥିଲା। ଏ ସବୁ ଅଭିଯୋଗର ସମାଧାନ କରିବାକୁ ଜିଲାପାଳ ଉପସ୍ଥିତ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଶିବିରରେ ମୋଟ ୯୩ଟି ଅଭିଯୋଗ ମଧ୍ୟରୁ ୬୨ଟି ଅଭିଯୋଗର ସମାଧାନ ହୋଇଥିଲା।

# ୪ ଆନ୍ତଃ ରାଜ୍ୟ ଠକ ଗିରଫ

**ଭୁବନେଶ୍ୱର, ୨୦।୮ (ବ୍ୟୁରୋ)**

- ବିଦେଶ ଶେୟାର ମାର୍କେଟରେ ଟଙ୍କା ଲଗାଇବା ନାଁରେ କୋଟିଏ ଟଙ୍କା ଠକେଇ
- ହୋଟେଲରେ ମିଟିଂ ବେଳେ ଚଢ଼ାଉ କରି ଧରିଲା ପୋଲିସ
- ବିଦେଶୀ ଟଙ୍କା, ମୋବାଇଲ, ଲାପଟପ ଜବତ


ଗିରଫ ଅଭିଯୁକ୍ତ ଓ ଜବତ ସାମଗ୍ରୀ।

ବିଦେଶ ଶେୟାର ମାର୍କେଟରେ ଟଙ୍କା ଲଗାଇବାର ଲୋଭ ଦେଖାଇ କେତେଜଣ ଯୁବକଙ୍କଠାରୁ ପ୍ରାୟ କୋଟିଏ ଟଙ୍କା ଠକେଇ କରିଥିବା ୪ ଆନ୍ତଃ ରାଜ୍ୟ ଠକଙ୍କୁ ଖଣ୍ଡଗିରି ପୋଲିସ ଗିରଫ କରିଛି। ସେମାନଙ୍କ ନିକଟରୁ ପୋଲିସ ବ୍ରିଟେନର ପାଉଣ୍ଡ, ୟୁରୋ, ଫ୍ରାନ୍ସ ଓ ସୌଦି ଆରବର କରେନ୍ସି, ୪ ମୋବାଇଲ ଫୋନ ଏବଂ ୫ ଲାପଟପ ଜବତ କରିଛି। ଏ ନେଇ ପୋଲିସ ଦଫା ୪୧୯, ୪୨୦, ୫୦୬, ୧୨୦(ବି)ରେ ଲଗାଇ ୪ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ତାମିଲନାଡୁ ପୋଦନୁର ଅଞ୍ଚଳର ନବୀନ(୩୨), ତାମିଲନାଡୁ ଅନୁର ଅଞ୍ଚଳର ଗଣେଶ ଏସ୍.କେ.(୫୩), ଗୁଜରାଟ ଫତେପୁରା ଅଞ୍ଚଳର ଜୟଦୀପ ପ୍ରକାଶ କୁଲକର୍ଣ୍ଣୀ(୪୩) ଓ ବେଙ୍ଗାଲୁରୁର ନରୀନ ଏନ୍.(୩୩)।

ସୂଚନା ମୁତାବକ, ଡୁମୁଡୁମା କସ୍‌ମୋପଲିସ ଆପାର୍ଟମେଣ୍ଟ ନିକଟ ପ୍ଲଟ୍ ନଂ–୭୪୪/୧୦୪୧ରେ ରାଜେଶ କୁମାର ପାତ୍ର ପରିବାର ସହ ରୁହନ୍ତି। ସେ ୮ ମାସ ତଳେ ଡିଜିଟାଲ ମାର୍କେଟିଂ କାମ କରୁଥିଲେ। ସେତେବେଳେ ଏକ ହ୍ୱାଟ୍ସଆପ ଗ୍ରୁପ ମାଧ୍ୟମରେ ତାମିଲନାଡୁର ଗଣେଶ ଏସ୍.କେ.ଙ୍କ ସହ ତାଙ୍କର ପରିଚୟ ହୋଇଥିଲା। ଗଣେଶ ତାଙ୍କୁ ଫୋନ୍ କରି ବିଦେଶ ଶେୟାର ମାର୍କେଟରେ ଟଙ୍କା ଲଗାଇବାକୁ କହୁଥିଲେ। ବିଭିନ୍ନ ଲୋଭନୀୟ ସ୍କିମ୍ କଥା ମଧ୍ୟ କହିଥିଲେ। ଟଙ୍କା ଲଗାଇଲେ ୭ଦିନରେ ଟଙ୍କା ଡବଲ ହେବା ସହ ମାସକରେ ଟଙ୍କା ୩ ଗୁଣ ହୋଇଯିବ ବୋଲି ଲୋଭ ଦେଖାଇଥିଲେ। ଏପରିକି ମାସକୁ ୨ଶହ ଓ ୩ଶହ ପ୍ରତିଶତ ଫାଇଦା ମିଳିବ ବୋଲି ସେ କହିଥିଲେ। ଦୁଇ ମାସ ଧରି ରାଜେଶ ଗଣେଶଙ୍କ ସମ୍ପର୍କରେ ରହିଥିଲେ। ଶେଷରେ ବିଦେଶ ଶେୟାର ମାର୍କେଟରେ ଟଙ୍କା ଲଗାଇବା ପାଇଁ ରାଜେଶ ରାଜି ହୋଇଯାଇଥିଲେ। ତେଣୁ ସେ ଗେଣେଶଙ୍କୁ ଭୁବନେଶ୍ୱରକୁ ଡକାଇଥିଲେ। ଭୁବନେଶ୍ୱରରେ ଏକ ହୋଟେଲରେ ଗଣେଶ ମିଟିଂ କରିବା ପରେ ଗତ ଜାନୁୟାରୀରେ ପ୍ରଥମେ ରାଜେଶ ୧୦ ଲକ୍ଷ ଟଙ୍କା ଦେଇଥିଲେ। ପରେ ଫେବୃୟାରୀରେ ଦ୍ୱିତୀୟ ଥର ୭ଲକ୍ଷ ଟଙ୍କା ଦେଇଥିଲେ। ଏହିଭଳି ଗଣେଶ ଭୁବନେଶ୍ୱରରୁ ଅନେକ ପିଲାଙ୍କଠାରୁ ପ୍ରାୟ କୋଟିଏ ଟଙ୍କା ନେଇଥିଲେ। କିଛିଦିନ ପରେ ସେ ନିଜର ସମ୍ପର୍କୀୟଙ୍କ ବିୟୋଗ ହୋଇଥିବା କହି ଭୁବନେଶ୍ୱରରୁ ଫେରାର ହୋଇଯାଇଥିଲେ। ସେ ରାଜେଶଙ୍କୁ ଏକ ବ୍ୟାଙ୍କ୍ ଚେକ ଦେଇଥିଲେ, ଯାହା ପରବର୍ତ୍ତୀ ସମୟରେ ବାଉନ୍ସ ହୋଇଯାଇଥିଲା। ପରବର୍ତ୍ତୀ ସମୟରେ ରାଜେଶଙ୍କ ଆକାଉଣ୍ଟକୁ ଟଙ୍କାଟିଏ ବି ଆସି ନ ଥିଲା। ଏଠାରୁ ଯିବା ପରେ ଗଣେଶ ଆଉ ରାଜେଶଙ୍କ ଫୋନର ଦେଇ ନ ଥିଲେ। ରାଜେଶ ଠକେଇର ଶିକାର ହୋଇଥିବା ଜାଣିବାକୁ ପାଇଥିଲେ। ଏ ନେଇ ଥାନାରେ ଅଭିଯୋଗ କରିଥିଲେ। ଯୋଜନା ମୁତାବକ ରାଜେଶ ଅନ୍ୟ ଏକ ଫୋନ୍ ନମ୍ବରରେ ଗଣେଶଙ୍କ ସହ ଯୋଗାଯୋଗ କରିଥିଲେ। ଆଉ କେତେଜଣ ପିଲା ବିଦେଶ ଶେୟାର ମାର୍କେଟରେ ଟଙ୍କା ଲଗାଇବା ପାଇଁ ଚାହୁଁଥିବା ସେ ଗଣେଶଙ୍କୁ କହିଥିଲେ। ଲୋଭରେ ପଡି ଗଣେଶ ରବିବାର ଭୁବନେଶ୍ୱର ଆସିଥିଲେ। ଡୁମୁଡୁମାରେ ଏକ ହୋଟେଲରେ ମିଟିଂ ଚାଲିଥିବା ବେଳେ ପୋଲିସ ଚଢ଼ାଉ କରି ଗଣେଶଙ୍କ ସମେତ ୪ ଜଣଙ୍କୁ ଗିରଫ କରିଥିଲା। ଗଣେଶ ଏକାଧିକ ଯୁବକଙ୍କଠାରୁ ଠକେଇ କରିଥିବା ପୋଲିସ ଜାଣିବାକୁ ପାଇଛି।

- ଚିଲିକାରେ ଜଳ ବିମାନବନ୍ଦର ନ କରିବାକୁ ଅନୁରୋଧ

# ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖିଲେ ଉତ୍କଳ ଗାନ୍ଧୀ ସ୍ମାରକୀ ନିଧିର ପୂର୍ବତନ ଅଧ୍ୟକ୍ଷ

**ଭୁବନେଶ୍ୱର,୨୦।୮(ବ୍ୟୁରୋ)**

ଚିଲିକାରେ ୱାଟର ଏରୋଡ୍ରମ୍ ପ୍ରୋଜେକ୍ଟ ବା ଜଳ ବିମାନବନ୍ଦର ପ୍ରତିଷ୍ଠା ନେଇ ଉଠୁଥିବା ବିବାଦ ଦିନକୁ ଦିନ ଘନେଇବାରେ ଲାଗିଛି। ବିଭିନ୍ନ ଆଡୁ ପ୍ରତିବାଦର ସ୍ୱର ଉଠିବା ପରେ ଚିଲିକା ମତ୍ସ୍ୟଜୀବୀ ମହାସଂଘ ପକ୍ଷରୁ ମଧ୍ୟ ଏ ନେଇ ଚେତାବନୀ ଦିଆଯାଇଛି। ଜଳ ବିମାନବନ୍ଦର ହେବା ଦ୍ୱାରା ଚିଲିକାର ଜୈବ ବିବିଧତା କ୍ଷୟ ହେବ ବୋଲି ପରିବେଶବିତ୍‌ମାନେ ମତଦେଇଥିବା ବେଳେ ଏବେ ଏହି ବିବାଦ ଯାଇ ପହଞ୍ଚିଛି ପ୍ରଧାନମନ୍ତ୍ରୀଙ୍କ ନିକଟରେ। ଉତ୍କଳ ଗାନ୍ଧୀ ସ୍ମାରକୀ ନିଧିର ପୂର୍ବତନ ଅଧ୍ୟକ୍ଷ ପ୍ରହ୍ଲାଦ କୁମାର ସିହ୍ନା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଏ ନେଇ ଚିଠି ଲେଖିଛନ୍ତି। ଚିଲିକାରେ ସି ପ୍ଲେନ୍ ଚାଲିଲେ ଜୈବ ବିବିଧତା ପ୍ରଭାବିତ ହେବ। ତେଣୁ ଏହି ସମ୍ବେଦନଶୀଳ ଘଟଣାରେ ପ୍ରଧାନମନ୍ତ୍ରୀ ନିଜେ ହସ୍ତକ୍ଷେପ କରନ୍ତୁ ବୋଲି ସେ ଚିଠିରେ ଉଲ୍ଲେଖ କରିଛନ୍ତି। ଚିଲିକାକୁ ପରିଦର୍ଶନ ନ କରି କିମ୍ବା ଏହାର ବାସ୍ତବ ଚିତ୍ର ନ ଦେଖି ଦିଲ୍ଲୀରେ ବସି ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ନିନ୍ଦା କରିଛନ୍ତି ସିହ୍ନା।

ଅତିକମ୍‌ରେ ୩୦ ପ୍ରକାରର ଚିଙ୍ଗୁଡ଼ି, ୪୦ ପ୍ରକାରର କଙ୍କଡ଼ା ଏବଂ ୨୦୦ ପ୍ରକାରର ମାଛ ପାଇଁ ଚିଲିକା ପ୍ରସିଦ୍ଧିଲାଭ କରିଥିବା ବେଳେ ଜଳବିମାନ ଉଡ଼ିବା ଦ୍ୱାରା ମତ୍ସ୍ୟଜୀବୀ ଓ ନୌଚାଳକମାନେ ଜୀବିକା ହରାଇବେ। ବିରଳ ଇରାୱାଡି ଡଲ୍‌ଫିନ୍‌ଙ୍କ ପାଇଁ ମଧ୍ୟ ଏହା ବିପଦ। ପୂର୍ବରୁ ମଧ୍ୟ ଚିଲିକାକୁ କର୍ପୋରେଟ୍ ସଂସ୍ଥା ହାତକୁ ଟେକିଦେବାକୁ ସରକାର ଚିନ୍ତା କରିଥିଲେ। ଏଠାରେ ଚିଙ୍ଗୁଡ଼ି ଚାଷ କରିବା ପାଇଁ ଏକ ବଡ଼ ସଂସ୍ଥାକୁ ଚିଲିକାକୁ ଲିଜ୍ ଆକାରରେ ଦେବାକୁ ଅନୁମତି ମଧ୍ୟ ମିଳିସାରିଥିଲା। ପ୍ରତିବାଦ ହେବାରୁ ରାଜ୍ୟ ସରକାର ବାଧହୋଇ ଅନୁମତି ପ୍ରତ୍ୟାହାର କରିନେଇଥିଲେ। ଏବେ ପୁଣିଥରେ ସେହି ସମାନ ସ୍ଥିତି ଉପୁଜିଛି। ଚିଲିକା ପରିବର୍ତ୍ତେ ହୀରାକୁଦ, ମୁଣ୍ଡଳି ଏବଂ ନରାଜ କିମ୍ବା ଓଡ଼ିଶାର ଯେକୌଣସି ସ୍ଥାନରେ ୱାଟର ଏରୋଡ୍ରମ୍ ପ୍ରୋଜେକ୍ଟ ପ୍ରତିଷ୍ଠା କରିବାକୁ ସିହ୍ନା ପ୍ରଧାନମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି।




**ସାହସୀ ସସ୍ମିତା**

# ନଦୀରେ ବୁଡ଼ି ଯାଉଥିବା ଯୁବତୀଙ୍କ ଜୀବନ ବଞ୍ଚାଇଲେ

**ମାହାଙ୍ଗା,୨୦।୮(ସ୍ୱ.ପ୍ର.)**

ସୋମବାର ନଦୀରେ ବୁଡ଼ି ଯାଉଥିବା ଜଣେ ଯୁବତୀଙ୍କ ଜୀବନ ବଞ୍ଚାଇଛନ୍ତି କଟକ ଜିଲା ମାହାଙ୍ଗା ବ୍ଲକ ବ୍ରାହ୍ମଣମଣିଜୋରି ଗ୍ରାମର ଜଗବନ୍ଧୁ ନାୟକଙ୍କ ଝିଅ ସସ୍ମିତା(୧୮)। ଭାସିଯାଉଥିବା ଯୁବତୀ ଜଣକ ହେଲେ ଏହି ବ୍ଲକ ଅଧୀନ ମାଟିପାରିଲୋ ଗ୍ରାମର ସୁବାସ ମଲିକଙ୍କ ଝିଅ ଶ୍ରଦ୍ଧାଞ୍ଜଳି(୨୩)। ଜୀବନ ବଞ୍ଚାଇବାକୁ ମଝି ନଈରେ ଶ୍ରଦ୍ଧାଞ୍ଜଳି ଚିତ୍କାର କରୁଥିଲେ ମଧ୍ୟ ନଦୀର ଉଭୟ ପାର୍ଶ୍ୱରେ ବହୁଲୋକ ଛିଡ଼ାହୋଇ କେବଳ ଏହି ଦୃଶ୍ୟକୁ ଦେଖିଥିଲେ। ହେଲେ କେହି ଉଦ୍ଧାର କରିବାକୁ ସାହସ କରି ନ ଥିଲେ। ଶ୍ରଦ୍ଧାଞ୍ଜଳି ବୁଡିବା ସ୍ଥଳରୁ ପ୍ରାୟ ଶହେ ମିଟର ପର୍ଯ୍ୟନ୍ତ ଭାସି ଭାସି ଯାଉଥିବାବେଳେ ନଦୀର ଆର ପଟରୁ ସସ୍ମିତା ପହଁରି ଆସି ତାଙ୍କୁ ଉଦ୍ଧାର କରିଥିଲେ। ସସ୍ମିତାଙ୍କ ଏହି ସାହସକୁ ସମସ୍ତେ ପ୍ରଶଂସା କରିଛନ୍ତି।


ସସ୍ମିତା ନାୟକ

### ବାପି ସର୍ଖେଲ୍‌ଙ୍କ ଜାମିନକୁ ଚ୍ୟାଲେଞ୍ଜ

# ହାଇକୋର୍ଟରେ ଶୁଣାଣି ଆରମ୍ଭ

**କଟକ ଅଫିସ,୨୦।୮**

ପାରାଦୀପସ୍ଥିତ ସିୱେଜ୍ ଶିପିଂ କମ୍ପାନୀର ଜେନେରାଲ ମ୍ୟାନେଜର ମହେନ୍ଦ୍ର ସ୍ୱାଇଁଙ୍କ ହତ୍ୟା ମାମଲାରେ କଂଗ୍ରେସ ନେତା ବାପି ସର୍ଖେଲ୍‌ଙ୍କୁ ପୋଲିସ ଗିରଫ କରିଥିଲା। ନିମ୍ନ ଅଦାଲତରେ ବାପିଙ୍କ ଜାମିନ ଆବେଦନ ଖାରଜ ହେବା ପରେ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ୨୦୧୭ ଏପ୍ରିଲ ୧୭ରେ ବାପିଙ୍କୁ ହାଇକୋର୍ଟରୁ ସର୍ତ୍ତମୂଳକ ଜାମିନ ମିଳିଥିଲା। ହେଲେ ବାପିଙ୍କ ଜାମିନକୁ ଚ୍ୟାଲେଞ୍ଜ କରି ସରକାର ହାଇକୋର୍ଟରେ ଏକ ମାମଲା ରୁଜୁ କରିଥିଲେ। ଉକ୍ତ ମାମଲାର ଶୁଣାଣି ହାଇକୋର୍ଟରେ ଆରମ୍ଭ ହୋଇଛି। ବିଚାରପତି ଜଷ୍ଟିସ ସଙ୍ଗମ କୁମାର ସାହୁଙ୍କ ଇଜିଲାସରେ ଏହି ମାମଲାର ଶୁଣାଣି ଆରମ୍ଭ ହୋଇଛି।

### ଶ୍ରୀଲୋକନାଥ ମନ୍ଦିର ପ୍ରବେଶ ପଥ ଛାତ ଦୁର୍ବଳ

# ପ୍ଲାଷ୍ଟର ଖଣ୍ଡ ଖସି ମୁଣ୍ଡ ଫାଟିଲା

**ପୁରୀ ଅଫିସ,୨୦।୮**

ଅସୁରକ୍ଷିତ ହୋଇପଡିଛି ଶ୍ରୀଲୋକନାଥ ମନ୍ଦିର। ମନ୍ଦିରର ପ୍ରମୁଖ ପ୍ରବେଶ ପଥ ବାଙ୍କ ଖିଲଣ ଦ୍ୱାର ଉପର ଛାତ ଦୁର୍ବଳ ହୋଇପଡିଥିଲେ ମଧ୍ୟ ଏଥିପ୍ରତି ଗୁରୁତ୍ୱ ଦିଆଯାଉନାହିଁ। ବିଭିନ୍ନ ସମୟରେ ଏଠାରୁ ଛୋଟ ଛୋଟ ପ୍ଲାଷ୍ଟର ଖଣ୍ଡ ଖସୁଛି। ସୋମବାର ଏଠାରୁ ପ୍ଲାଷ୍ଟର ଖଣ୍ଡ ଖସି ଜଣେ ଭୋଗ ବିକାଳିଙ୍କ ମୁଣ୍ଡ ଫାଟିଛି। ଜିଲା ସଦର ମୁଖ୍ୟ ଚିକିତ୍ସାଳୟରେ ତାଙ୍କୁ ଭର୍ତ୍ତି କରାଯାଇଥିଲା। ତାଙ୍କର ପରିଚୟ ମିଳିପାରି ନ ଥିବାବେଳେ ଚିକିତ୍ସା ପରେ ସେ ହସ୍ପିଟାଲ ଛାଡ଼ିଥିବା ଜଣାପଡିଛି।

ଏ ସମ୍ପର୍କରେ ଶ୍ରୀଲୋକନାଥ ଦେବ ଟ୍ରଷ୍ଟ ବୋର୍ଡ ମ୍ୟାନେଜର ଅପଚ୍ଛ ପରିଡା କହିଛନ୍ତି, ଶ୍ରାବଣ ସୋମବାର ପାଇଁ ଶିରୁଳି ମହାବୀର ଅଞ୍ଚଳରୁ ଜଣେ ବ୍ୟକ୍ତି ଖଇକୋରା ଭୋଗ ବିକ୍ରି କରିବାକୁ ଆସିଥିଲେ। ସ୍ତ୍ରୀ ମଧ୍ୟ ତାଙ୍କ ସହ ଥିଲେ। ସେମାନେ ବାଙ୍କ ଖିଲଣ ଦ୍ୱାରରେ ତଳେ ବସି ଭୋଗ ବିକ୍ରି କରୁଥିଲେ। ପୂର୍ବାହ୍ନରେ ଦ୍ୱାରର ଉପର ଛାତରୁ ଏକ ପ୍ଲାଷ୍ଟର ଖସି ବ୍ୟବସାୟୀଙ୍କ ଉପରେ ପଡ଼ିବାରୁ ତାଙ୍କ ମୁଣ୍ଡ ଫାଟି ଯାଇଥିଲା। ସଙ୍ଗେ ସଙ୍ଗେ ଆମ୍ବୁଲାନ୍ସରେ ତାଙ୍କୁ ଜିଲା ସଦର ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ତାଙ୍କ ମୁଣ୍ଡରେ ଷ୍ଟିଚ୍ ପଡିଥିବା ପରିଡ଼ା ସୂଚନା ଦେଇଛନ୍ତି। ତେବେ ଦୀର୍ଘଦିନ ହେଲା ବାଙ୍କ ଖିଲଣ ଦ୍ୱାର ଉପର ଛାତ ଦୁର୍ବଳ ହୋଇପଡିଥିଲେ ମଧ୍ୟ ଏଥିପ୍ରତି ଗୁରୁତ୍ୱ ଦିଆଯାଉ ନ ଥିବା ମନ୍ଦିର ସେବାୟତ ଅଭିଯୋଗ କରିଛନ୍ତି। ଅଭିଯୋଗ ସଂକ୍ରାନ୍ତରେ ଟ୍ରଷ୍ଟ ବୋର୍ଡ ମ୍ୟାନେଜର ପରିଡ଼ା କହିଛନ୍ତି, ଏହା ବହୁ ପୁରୁଣା ଛାତ। ବାଙ୍କ ଖିଲଣ ଦ୍ୱାରରେ ଲାଗିଥିବା କବାଟକୁ ସୁରକ୍ଷା ଦେବାକୁ ଏହି ଛାତ ପକାଯାଇଥିଲା। ଏହାର ତଳପଟୁ ପ୍ଲାଷ୍ଟର ଖଣ୍ଡ ଖସିଲାଣି। ଶୀଘ୍ର ଏହି ଛାତକୁ ଭାଙ୍ଗି ଦିଆଯିବ ବୋଲି ସେ କହିଛନ୍ତି।







# ହାତୁଡ଼ିରେ ପିଟି ସ୍ତ୍ରୀଙ୍କୁ ହତ୍ୟା

**କଟକ ସଦର, ୨୦।୮(ଡି.ଏନ୍.ଏ.)**

କଟକ ସଦର ଥାନା ଅଧୀନ ୪୨ ମୌଜା ଫାଣ୍ଡି ଭାରଗୋଳ ଗ୍ରାମରେ ରବିବାର ରାତିରେ ଏକ ହତ୍ୟାକାଣ୍ଡ ଘଟିଛି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳବାସୀ ଆତଙ୍କିତ ହୋଇପଡିଛନ୍ତି। ଉକ୍ତ ଗ୍ରାମର ଗୀତାଞ୍ଜଳି ବେହେରା(୪୯)ଙ୍କୁ ରବିବାର ରାତିରେ ତାଙ୍କ ସ୍ୱାମୀ ସୁକାନ୍ତ ବେହେରା ହାତୁଡିରେ ପିଟି ହତ୍ୟା କରିଥିବା ଫାଣ୍ଡିରେ ଅଭିଯୋଗ ହୋଇଛି। ଗୀତାଞ୍ଜଳିଙ୍କ ଝିଅ ଲିପିକା ଏ ନେଇ ଅଭିଯୋଗ କରିବା ପରେ କଟକ ସଦର ଥାନାରେ ଦଫା ୩୦୨ ଅନୁଯାୟୀ ଏକ ମାମଲା(ନଂ.୩୨୦/୧୮) ରୁଜୁ ହୋଇଛି। ଫାଣ୍ଡି ଏସ୍‌ଆଇ ନୃସିଂହ ଚରଣ ସ୍ୱାଇଁ ସୋମବାର ସକାଳେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ହତ୍ୟାକାଣ୍ଡରେ ବ୍ୟବହୃତ ହାତୁଡିକୁ ଜବତ କରିଛନ୍ତି। ଏଥିସହ ମୃତଦେହ ବ୍ୟବଚ୍ଛେଦ ପାଇଁ କଟକ ବଡ ଡାକ୍ତରଖାନା ପଠାଇଛନ୍ତି। ଘଟଣା ପରଠାରୁ ଅଭିଯୁକ୍ତ ସୁକାନ୍ତ ଫେରାର ହୋଇଯାଇଛନ୍ତି। ହତ୍ୟାକାଣ୍ଡର କାରଣ ଅସ୍ପଷ୍ଟ ରହିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡିବ ବୋଲି ଏସ୍‌ଆଇ ସ୍ୱାଇଁ କହିଛନ୍ତି। ଅଭିଯୋଗ ଅନୁଯାୟୀ, ସୁକାନ୍ତ ମାନସିକ ବିକୃତ ଥିବାରୁ ଚିକିତ୍ସିତ ହେଉଥିଲେ। ୩/୪ ଦିନ ହେବ ତାଙ୍କର ଔଷଧ ସରିଯାଇଥିବାରୁ ସେ ଘରେ ମାରପିଟ୍ କରୁଥିଲେ। ରବିବାର ରାତିରେ ଗୀତାଞ୍ଜଳିଙ୍କୁ ବାହାର କରି ଘରେ କବାଟ ଦେଇ ସୁକାନ୍ତ ଖାଇଥିଲେ। ପରେ ସ୍ତ୍ରୀଙ୍କୁ ଘର ଭିତରକୁ ଡାକି କବାଟ ଦେଇଥିଲେ। ଏହାପରେ ଟିଭିର ସାଉଣ୍ଡ ବଢାଇ ନିକଟରେ ଥିବା ଏକ ହାତୁଡିକୁ ଆଣି ସ୍ତ୍ରୀଙ୍କ ମୁଣ୍ଡକୁ ପିଟିଥିଲେ। ଫଳରେ ଶକ୍ତ ଆଘାତ ଲାଗିବାରୁ ରକ୍ତସ୍ରାବ ହୋଇଥିଲା। କିଛି ସମୟ ଧରି ଛଟପଟ ହେବା ପରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା ବୋଲି ଲିପିକା ଅଭିଯୋଗପତ୍ରରେ ଦର୍ଶାଇଛନ୍ତି।

1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



ଅହଂକାରୀ ଲୋକ କେବେହେଲେ କୃତଜ୍ଞ ହୁଏ ନାହିଁ, କାରଣ ସିଏ ଯେତିକି ପାଇବା ପାଇଁ ହକ୍‌ଦାର ତା'ଠାରୁ ଅଧିକ ପାଇଲାଣି ବୋଲି ଆଦୌ ବିଚାର କରେ ନାହିଁ।
- ସାମୁଏଲ୍ ଜନ୍‌ସନ



## ସଂକ୍ଷେପରେ

### ଏଟିଏମ୍ ଲୁଟ୍ ଉଦ୍ୟମ

**ଖୁଣ୍ଟୁଣୀ,୨୦।୮(ଡି.ଏନ୍.ଏ ):** ଖୁଣ୍ଟୁଣୀସ୍ଥିତ ଗଣେଶ ବଜାରଠାରେ ଥିବା ୟୁକୋ ବ୍ୟାଙ୍କ ଏଟିଏମ୍ କାଉଣ୍ଟରରୁ ରବିବାର ରାତିରେ କେହି ଦୁର୍ବୃତ୍ତ ଲୁଟ୍ କରିବାକୁ ଯାଇ ବିଫଳ ହୋଇଛି। ଏ ନେଇ ସୋମବାର ଖୁଣ୍ଟୁଣୀ ୟୁକୋ ବ୍ୟାଙ୍କ ମ୍ୟାନେଜର ମାଗୁଣୀ ଚରଣ ସ୍ୱାଇଁଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା(ନଂ.୧୦୦/୧୮) ରୁଜୁ କରି ତଦନ୍ତ ଚଳାଇଛି। ଅନ୍ୟପକ୍ଷରେ ଏଟିଏମରେ ଥିବା ୫ଲକ୍ଷ ୬୫ହଜାର ଟଙ୍କା ବ୍ୟାଙ୍କ ମ୍ୟାନେଜର ଓ ଫ୍ରାଞ୍ଚାଇଜ ସଂସ୍ଥା ଟିଏସଆଇ ଉପସ୍ଥିତିରେ ବାହାର କରାଯାଇ କର୍ତ୍ତୃପକ୍ଷଙ୍କୁ ଦିଆଯିବା ସହ କାଉଣ୍ଟରକୁ ସିଲ କରାଯାଇଛି। ପୋଲିସ ସୂଚନା ଅନୁଯାୟୀ, କେହି ଦୁର୍ବୃତ୍ତ ଏଟିଏମ କାଉଣ୍ଟର ସଟର ବନ୍ଦ କରି ଏଟିଏମ ବକ୍ସର ସାଇଡ ବେଣ୍ଡ କାଟିଥିଲେ। ତେବେ ଏହାକୁ କାଟିବାରେ ବିଫଳ ହେବା ପରେ ସଟର ବନ୍ଦ କରି ଫେରାର ହୋଇଯାଇଥିଲେ। ସୋମବାର ଏ ନେଇ କେତେଜଣ ହିତାଧିକାରୀ ଏଟିଏମ ବନ୍ଦ ଥିବା ନେଇ ବ୍ୟାଙ୍କ ମ୍ୟାନେଜର ସ୍ୱାଇଁଙ୍କୁ ଖବର ଦେଇଥିଲେ। ଖବରପାଇ ମ୍ୟାନେଜର ଘଟଣାସ୍ଥଳରେ ପହଞ୍ଚିବା ସହ ଭୁବନେଶ୍ୱରରେ ଥିବା ମୁଖ୍ୟ ଦପ୍ତରକୁ ଖବର ଦେଇଥିଲେ। ଫ୍ରାଞ୍ଚାଇଜ ସଂସ୍ଥା ଟିଏସଆଇ କର୍ତ୍ତୃପକ୍ଷ ଖୁଣ୍ଟୁଣୀରେ ପହଞ୍ଚି ସ୍ୱାଇଁଙ୍କ ଜରିଆରେ ଏତଲା ଦେଇଥିଲେ। ସିସିଟିଭି ଫୁଟେଜ ଯାଞ୍ଚ ପରେ ପ୍ରକୃତ ଘଟଣା ଜଣାପଡିବ ବୋଲି ଆଇଆଇସି ସତ୍ୟବ୍ରତ ଲେଙ୍କା କହିଛନ୍ତି।

### ୧୦୮ ଆମ୍ବୁଲାନ୍ସ ଦୁର୍ଘଟଣାରେ ଚିକିତ୍ସାଧୀନ ବ୍ୟକ୍ତିଙ୍କ ମୃତ୍ୟୁ
### କ୍ଷତିପୂରଣ ଦାବିରେ ରାସ୍ତାରୋକୋ

**କଣ୍ଟାପଡା, ୨୦।୮(ଡି.ଏନ୍.ଏ.):** ଫୁଲନଖରା-ନିଆଳି ରାସ୍ତାର କଣ୍ଟାପଡା ତହସିଲ ସମ୍ମୁଖରେ ଗତ ୧୦ ତାରିଖ ସକାଳେ ଅଡଶପୁର ସ୍ୱାସ୍ଥ୍ୟକେନ୍ଦ୍ରର ଏକ ୧୦୮ ଅମ୍ବୁଲାନ୍ସ ଧକ୍କାରେ କଣ୍ଟାପଡା ଗ୍ରାମର ମାଧବ ବେହେରା(୫୫) ଆହତ ହୋଇ କଟକର ଏକ ଘରୋଇ ନର୍ସିଂହୋମରେ ଚିକିତ୍ସିତ ହେଉଥିଲେ। ସେଠାରେ ଚିକିତ୍ସାଧିନ ଅବସ୍ଥାରେ ରବିବାର ବିଳମ୍ବିତ ରାତ୍ରିରେ ତାଙ୍କର ମୃତ୍ୟୁ ଘଟିଥିଲା। ତାଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ ଦାବିରେ କଣ୍ଟାପଡା ଗ୍ରାମର ଲୋକମାନେ କଣ୍ଟାପଡାଠାରେ ସୋମବାର ଅପରାହ୍ନ ୩ଟାବେଳେ ରାସ୍ତାରୋକ କରିଥିଲେ। ଖବରପାଇ କଣ୍ଟାପଡା ତହସିଲଦାର ସିଦ୍ଧାର୍ଥ ଶଙ୍କର ସାହୁ ଓ ଓଲଟପୁର ଥାନାଧିକାରୀ ତପନ କୁମାର ରାଉତ ଘଟଣାସ୍ଥଳରେ ପହଞ୍ଚି ଲୋକମାନଙ୍କୁ ବୁଝାସୁଝା କରିବା ସହ ରେଡକ୍ରସ୍ ପାଣ୍ଠିରୁ ସହଯତା ଦେବା ପାଇଁ ଜିଲାପାଳଙ୍କୁ ସୁପାରିଶ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକ ହଟିଥିଲା।

### ଆଠଗଡ ବ୍ଲକ ପକ୍ଷରୁ ସମନ୍ୱୟ ମେଳା

**ଆଠଗଡ଼,୨୦।୮(ସ୍ୱ.ପ୍ର.):** ରାଜ୍ୟ ସରକାରଙ୍କ ଜୀବିକା ମିଶନ ଯୋଜନାରେ ମହିଳାଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ଆଠଗଡ ବ୍ଲକ ପକ୍ଷରୁ ଏକ ସମନ୍ୱୟ ମେଳା ସୋମବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସଭାଗୃହରେ ପ୍ରଗତି ସହାୟିକା ପୂଜା ତ୍ରିପାଠୀଙ୍କ ସଂଯୋଜନାରେ ଅନୁଷ୍ଠିତ ମେଳାରେ ବିଡିଓ ହେମନ୍ତ କୁମାର ସ୍ୱାଇଁଙ୍କ ସମେତ ବିଭିନ୍ନ ବ୍ୟାଙ୍କର ଅଧିକାରୀମାନେ ଉପସ୍ଥିତ ଥିଲେ। ମେଳାରେ ବ୍ଲକ୍ ଅଞ୍ଚଳର ୫୧ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟଙ୍କୁ ୮୩ଲକ୍ଷ ୭୪ହଜାର ଟଙ୍କାର ଋଣ ପ୍ରଦାନ କରାଯାଇଛି। ଋଣ ଠିକ୍ ଭାବେ ପରିଶୋଧ କରିପାରିଲେ ପୁନର୍ବାର ଋଣ ଯୋଗାଇ ଦିଆଯିବ ବୋଲି ବ୍ୟାଙ୍କ ଅଧିକାରୀମାନେ ପ୍ରକାଶ କରିଛନ୍ତି।

### ଏସ୍‌ସିବିରେ ବଢୁଛନ୍ତି ଡେଙ୍ଗୁ ରୋଗୀ
### ୱାର୍ଡରେ ୮୮, ଆଇସିୟୁରେ ୬

**କଟକ ଅଫିସ, ୨୦।୮:** ଏସ୍‌ସିବି ମେଡିକାଲରେ ଡେଙ୍ଗୁରୋଗୀଙ୍କ ସଂଖ୍ୟା ବଢିବାରେ ଲାଗିଛି। ସୋମବାର ସନ୍ଧ୍ୟା ସୁଦ୍ଧା ମେଡିକାଲରେ ମୋଟ୍ ୯୪ ଜଣ ରୋଗୀ ଚିକିତ୍ସିତ ହେଉଛନ୍ତି। ସେମାନଙ୍କ ମଧ୍ୟରୁ ୮୮ ଜଣ ୱାର୍ଡରେ ଚିକିତ୍ସାଧୀନ ଥିବାବେଳେ ୬ ଜଣ ଆଇସିୟୁରେ ଭର୍ତ୍ତି ହୋଇଛନ୍ତି। ଅନ୍ୟପକ୍ଷରେ ସୋମବାର ଏସ୍‌ସିବିରେ ପରୀକ୍ଷା କରାଯାଇଥିବା ୯୩ଟି ରକ୍ତ ନମୁନାରୁ ୨୮ଟିରେ ଡେଙ୍ଗୁ ପଜିଟିଭ ଚିହ୍ନଟ କରାଯାଇଛି। ପଜିଟିଭ ରୋଗୀଙ୍କ ମଧ୍ୟରୁ କଟକରୁ ୧୮ ଜଣ ରୋଗୀ ଥିବା ଜଣାପଡ଼ିଛି। ତେବେ ଚଳିତବର୍ଷ ପାଇଁ କଟକ ଜିଲା ଡେଙ୍ଗୁ ଫୋକସ୍‌ରେ ରହିଛି। ଅଦ୍ୟାବଧି ଏହି ଜିଲାରୁ ମୋଟ୍ ୩୧୦ ଜଣ ରୋଗୀ ଏସ୍‌ସିବିକୁ ଚିକିତ୍ସା ନିମନ୍ତେ ଆସିଥିବା ସୂଚନା ମିଳିଛି। ସେମାନଙ୍କ ମଧ୍ୟରୁ ଗ୍ରାମାଞ୍ଚଳରୁ ୧୪୨ ଓ ସହରାଞ୍ଚଳରୁ ୧୬୮ ରହିଛନ୍ତି।

## ■ କଟକରେ ଡେଙ୍ଗୁ ନେଇ ଚିନ୍ତା
# ତଥ୍ୟ ଲୁଚାଉଛି ସିଏମ୍‌ସି

**କଟକ ଅଫିସ, ୨୦।୮**

■ **୨୦୧୭ର ଡେଙ୍ଗୁ ଆକ୍ରାନ୍ତଙ୍କ ରିପୋର୍ଟକୁ ସାର୍ବଜନୀନ କରିନାହାନ୍ତି**

■ **ଚଳିତ ବର୍ଷ କଟକରେ ଡେଙ୍ଗୁ ରୋଗୀଙ୍କ ସଂଖ୍ୟା ୧୬୮ରେ ପହଞ୍ଚିଲାଣି**

ୱେବସାଇଟ୍‌ରେ ତଥ୍ୟ ଲୁଚାଉଛି କଟକ ମହାନଗର ନିଗମ (ସିଏମ୍‌ସି)। ବିପର୍ଯ୍ୟସ୍ତ ପରିମଳ ବ୍ୟବସ୍ଥା ପାଇଁ ସ୍ୱଚ୍ଛତା ପରୀକ୍ଷାରେ ପ୍ରତିବର୍ଷ ଫେଲ ମାରୁଥିବା ସିଏମ୍‌ସି ନିଜର ୱେବସାଇଟରେ ୨୦୧୭ ବର୍ଷର ଡେଙ୍ଗୁ ଆକ୍ରାନ୍ତଙ୍କ ରିପୋର୍ଟକୁ ସାର୍ବଜନୀନ କରିନାହିଁ।

ସିଏମ୍‌ସି ଅଞ୍ଚଳର ଡେଙ୍ଗୁ ଆକ୍ରାନ୍ତଙ୍କ ସଂଖ୍ୟା ସମ୍ପର୍କିତ ରିପୋର୍ଟ ଏସ୍‌ସିବି ମେଡିକାଲରୁ ସିଡିଏମ୍‌ଓଙ୍କ ପାଖକୁ ଆସିବା ପରେ ତାହାକୁ ସିଏମ୍‌ସିକୁ ଦିଆଯାଇଥାଏ। ଏନେଇ ସିଡିଏମ୍‌ଓଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗ କରାଯିବାରୁ ଜଣାପଡ଼ିଛି ଯେ, ୨୦୧୭ର ଉକ୍ତ ରିପୋର୍ଟ ସିଏମ୍‌ସିକୁ ଦିଆଯାଇସାରିଛି। ସିଡିଏମଓ ଅଫିସରୁ ରିପୋର୍ଟ ମିଳିବା ପରେ ମଧ୍ୟ ସିଏମସି ୱେବସାଇଟରେ ଏହି ତଥ୍ୟ ଅପଲୋଡ କରିବାରେ ବିଳମ୍ବ ହୋଇଛି। ଏହା ହେଉଛି ତଥ୍ୟ ଲୁଚାଇବାର ଅପଚେଷ୍ଟା ବୋଲି କହିଛନ୍ତି କର୍ପୋରେଟର ଗିରିବାଳା ବେହେରା। ସେ ଆହୁରି କହିଛନ୍ତି ଯେ, ୨୦୧୭ରେ କଟକରେ ଡେଙ୍ଗୁ ବ୍ୟାପିବା ସହ କେତେଜଣଙ୍କ ପ୍ରାଣହାନି ଘଟିଥିଲା। ୱେବସାଇଟ୍‌ରେ ତଥ୍ୟ ଅପଲୋଡ୍ ହୋଇ ନ ଥିବା ସମ୍ପର୍କରେ ମେୟର ମୀନାକ୍ଷୀ କିଛି ଜାଣି ନ ଥିବା କହିଥିବା ବେଳେ କମିଶନର ବିକାଶ ମହାପାତ୍ର କହିଛନ୍ତି, ଯଦି ଅପଲୋଡ ହୋଇନାହିଁ ତେବେ ତାହାକୁ ଶୀଘ୍ର ଅପଲୋଡ କରାଯିବ।

ଅଧିକାଂଶ କାର୍ଯ୍ୟ ଅନଲାଇନ ଜରିଆରେ କରାଯିବ ଏବଂ ଲୋକଙ୍କୁ ସୁବିଧା ଯୋଗାଇଦିଆଯିବ ବୋଲି ମହାନଗର ନିଗମ ପକ୍ଷରୁ କୁହାଯାଉଛି। କିନ୍ତୁ ଡେଙ୍ଗୁ ଭଳି ମାରାତ୍ମକ ରୋଗରେ ଆକ୍ରାନ୍ତଙ୍କ ସଂଖ୍ୟା ୱେବସାଇଟ୍‌ରେ ଅପଡେଟ୍ ନ ହେବା ସିଏମ୍‌ସିର ଖାମଖିଆଲି ମନୋଭାବକୁ ସାମ୍ନାକୁ ଆଣିଛି। ଚଳିତ ବର୍ଷ କଟକରେ ଡେଙ୍ଗୁ ରୋଗୀଙ୍କ ସଂଖ୍ୟା ୧୬୮ରେ ପହଞ୍ଚିଲାଣି। ଏହାବାଦ ସହର ଉପକଣ୍ଠ ଟାଙ୍ଗୀ ଅଞ୍ଚଳରୁ ଡେଙ୍ଗୁ ମୁଣ୍ଡ ନେଲାଣି। ସହରର ମଙ୍ଗଳାବାଗ, ମେଡିକାଲ ଲେନ୍, କଲେଜ ଛକ, ନିମସାହି, ସୂତାହାଟ ପ୍ରଭୃତି ଅଞ୍ଚଳରେ ଡେଙ୍ଗୁ ରୋଗୀ ବଢ଼ିବାରେ ଲାଗିଛନ୍ତି। ଏଭଳିସ୍ଥିତିରେ ସିଏମ୍‌ସି ପକ୍ଷରୁ ଡେଙ୍ଗୁକୁ ନେଇ କୌଣସି ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରାଯାଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ଦେଖାଦେଇଛି।



ସମାବେଶରେ ବିଧାୟକ ଦେବୀ ପ୍ରସାଦ ମିଶ୍ରଙ୍କ ସମେତ ଅନ୍ୟମାନେ ଉପସ୍ଥିତ।

## ବିଜୁ ଛାତ୍ର ଜନତା ଦଳର ସମାବେଶ

**ବଡ଼ମ୍ବା,୨୦।୮(ଡି.ଏନ.ଏ.)**

ବିଜୁ ଛାତ୍ର ଜନତା ଦଳ ବଡ଼ମ୍ବା ଶାଖାର ଏକ ସମାବେଶ ଭଟ୍ଟାରିକାସ୍ଥିତ ପାନ୍ଥଶାଳାଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଆଇନଜୀବୀ ଶାଶ୍ୱତ କୁମାର ଜେନାଙ୍କ ସଂଯୋଜନାରେ ଅନୁଷ୍ଠିତ ସମାବେଶରେ ବିଧାୟକ ଦେବୀପ୍ରସାଦ ମିଶ୍ର ମୁଖ୍ୟଅତିଥିଭାବେ ଯୋଗଦେଇ ବିଜୁ ଛାତ୍ର ଜନତା ଦଳର ଆଭିମୁଖ୍ୟ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ବ୍ଲକ ଅଧକ୍ଷା ଅନୁସୂୟା ନାଏକ, ଉପାଧକ୍ଷ ସଦାନନ୍ଦ ସ୍ୱାଇଁ, କଟକ ଜିଲା ବିଜେଡି ସମ୍ପାଦକ ପ୍ରଦୀପ ସ୍ୱାଇଁ, ପୂର୍ବତନ ସରପଞ୍ଚ ସଞ୍ଜୟ ସ୍ୱାଇଁ ଓ ବିଜେଡି ସଙ୍ଗଠକ ପ୍ୟାରି ସ୍ୱାଇଁ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କଟକ ମଧୁସୂଦନ ଆଇନ ମହାବିଦ୍ୟାଳୟ ଆବାହକ ରାଧାମାଧବ ଦାସ, ସମ୍ପାଦକ କାଳିପ୍ରସାଦ ମୁଦୁଲି ଓ ବିଜୁ ଛାତ୍ର ଜନତାଦଳ ଜୋନାଲ୍ ଉପସଭାପତି ରମେଶ ସେଠୀ ପ୍ରମୁଖ ଯୋଗଦେଇ ବିଜୁ ଛାତ୍ର ଜନତା ଦଳର ସଂଗଠନ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ସମାବେଶରେ ବଡ଼ମ୍ବା ମୋହନ ସୁବୁଦ୍ଧି ମହାବିଦ୍ୟାଳୟର ପୂର୍ବତନ ଛାତ୍ର ସଂସଦ ସଭାପତି ଓ ସମ୍ପାଦକଙ୍କ ସମେତ ଶତାଧିକ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।



ଡିଏଫ୍‌ଓଙ୍କୁ ଦାବିପତ୍ର ପ୍ରଦାନ କରିବାକୁ ଆସିଥିବା ଗ୍ରାମବାସୀ।

## ■ ବାର୍‌ହା ଆକ୍ରମଣରେ ୪ ଗୁରୁତର ହେବା ଘଟଣା
# ସହାୟତା ଯୋଗାଇବାକୁ ଦାବିପତ୍ର

**ଆଠଗଡ଼,୨୦।୮(ସ୍ୱ.ପ୍ର.)**

ବାର୍‌ହା ଆକ୍ରମଣରେ ଗତ ଶୁକ୍ରବାର ଆଠଗଡ଼ ବ୍ଲକ ଅଧୀନ କନ୍ଦରପୁର ଗ୍ରାମର କୃପାସିନ୍ଧୁ ସାହୁ, ପ୍ରାଣକୃଷ୍ଣ ସାହୁ, ସରୋଜ ସାହୁ ଓ ନିଶାକର ଧଳ ଗୁରୁତର ହୋଇଥିଲେ। ସେମାନଙ୍କୁ ଆଠଗଡ ଉପଖଣ୍ଡ ଚିକିତ୍ସାଳୟକୁ ଅଣାଯାଇଥିଲା। ସେଠାରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ପରେ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ତେବେ ଏହି ୪ଜଣ ଗରିବ ଶ୍ରେଣୀର ହୋଇଥିବାରୁ ଚିକିତ୍ସା କରାଇବାରେ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ହେଲେ ବନ ବିଭାଗ ପକ୍ଷରୁ ଘଟଣା ଦିନଠାରୁ ଏ ପର୍ଯ୍ୟନ୍ତ ସେମାନଙ୍କୁ କେହି ଭେଟି ନାହାନ୍ତି କିମ୍ବା ଘଟଣାର କୌଣସି ତଦନ୍ତ କରିନାହାନ୍ତି। ଯାହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଫଳରେ ସୋମବାର ସ୍ଥାନୀୟ ସରପଞ୍ଚ ପରମାନନ୍ଦ ବେହେରା, ବିଚିତ୍ରାନନ୍ଦ ସେଠୀ, ସନ୍ତୋଷ କୁମାର ସାହୁ, ପ୍ରଶାନ୍ତ କୁମାର ସାହୁ, ଭାସ୍କର ଚନ୍ଦ୍ର ଦଳେଇ ଓ ଅଜୟ ଦାସ ପ୍ରମୁଖ ଶତାଧିକ ଗ୍ରାମବାସୀ ଆଠଗଡ ଡିଏଫଓ ଅରୁଣ କୁମାର ସ୍ୱାଇଁଙ୍କୁ ଭେଟି ଗୁରୁତରମାନଙ୍କୁ ସହାୟତା ଯୋଗାଇ ଦେବାକୁ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ର ଗ୍ରହଣ କରିବା ପରେ ଡିଏଫଓ ସ୍ୱାଇଁ ଗୁରୁତରଙ୍କ ସ୍ୱାସ୍ଥ୍ୟାବସ୍ଥା ଦେଖିବାକୁ କଟକ ଯିବାସହ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାର ବ୍ୟବସ୍ଥା କରିବେ ବୋଲି ପ୍ରକାଶ କରିଛନ୍ତି।

## ■ ଲଗାଣ ବର୍ଷାରେ ଘର ଭାଙ୍ଗିଲା
# ଅଧାପନ୍ତରିଆ ଅଙ୍ଗନୱାଡି କେନ୍ଦ୍ରରେ ରହୁଛନ୍ତି ଦମ୍ପତି

**ସାଲେପୁର, ୨୦।୮(ଡି.ଏନ.ଏ.)**

ଲଗାଣ ବର୍ଷା ଯୋଗୁ ସାଲେପୁର ବ୍ଲକ ସଉରୀ ପଞ୍ଚାୟତ ବାଲିସମଳା ଗ୍ରାମର ଶଙ୍କର ଭୋଇଙ୍କ ମାଟିଘର ଭାଙ୍ଗି ପଡ଼ିଛି। ଫଳରେ ଶଙ୍କର ଏବଂ ତାଙ୍କ ରୋଗିଣା ସ୍ତ୍ରୀ ମୀନା ଦେଇ ସେମାନଙ୍କ ଘର ନିକଟରେ ସରକାରଙ୍କ ପକ୍ଷରୁ ଅର୍ଦ୍ଧନିର୍ମିତ ଅବସ୍ଥାରେ ପଡ଼ିରହିଥିବା ଏକ ଅଙ୍ଗନୱାଡ଼ି କେନ୍ଦ୍ରରେ ରହୁଛନ୍ତି। ଏ ସମ୍ପର୍କରେ ସାଲେପୁର ତହସିଲ ପ୍ରଶାସନକୁ ଅବଗତ କରାଯାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇନାହିଁ। ମୀନା ୮ମାସ ହେବ ପକ୍ଷାଘାତ ରୋଗରେ ପୀଡ଼ିତ ହୋଇଛନ୍ତି। ସେମାନଙ୍କ ପିଲାଛୁଆ ନ ଥିବାବେଳେ ଗରିବ ଶ୍ରେଣୀର ହୋଇଥିବାରୁ ଚଳିବା କଷ୍ଟକର ହୋଇପଡ଼ିଛି। ଏ ସମ୍ପର୍କରେ ସଉରୀ ସରପଞ୍ଚ ବସନ୍ତ କୁମାର ଭୂୟାଁ ବିଡିଓ ଶିବବ୍ରତ ଘୋଷଙ୍କ ନିକଟରେ ଅବଗତ କରାଇଛନ୍ତି। ବ୍ଲକ୍ ପ୍ରଶାସନ ପକ୍ଷରୁ ଶଙ୍କରଙ୍କୁ ସହାୟତା ଯୋଗାଇ ଦିଆଯିବ ବୋଲି ବିଡିଓ ଘୋଷ ପ୍ରକାଶ କରିଛନ୍ତି। ଏଥିସହ ବିଡିଓ ଘୋଷ ମୀନାଙ୍କୁ ଔଷଧ ଖାଇବା ନିମନ୍ତେ ବ୍ୟକ୍ତିଗତଭାବେ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି।

# ବହୁଗ୍ରାମ ପଞ୍ଚାୟତରେ ଅନିୟମିତତା ଅଭିଯୋଗ

**ସାଲେପୁର,୨୦।୮(ଡି.ଏନ.ଏ.)**

ସାଲେପୁର ବ୍ଲକ ଅଧୀନ ବହୁଗ୍ରାମ ପଞ୍ଚାୟତରେ ସରକାରୀ ଅର୍ଥର ଅନିୟମିତତା ହେଉଥିବା ନେଇ ପଞ୍ଚାୟତବାସୀ ବିଡିଓଙ୍କ ନିକଟରେ ଅଭିଯୋଗ କରିଛନ୍ତି। ସେମାନେ ଦର୍ଶାଇଛନ୍ତି ଯେ, ବିଶ୍ୱନାଥପୁର ଗ୍ରାମରେ କଲ୍ୟାଣମଣ୍ଡପ କାର୍ଯ୍ୟ ଅଧା ପନ୍ତରିଆ ହୋଇ ପଡ଼ିରହିଛି। ସେହିପରି ଜିଜିଓାଇ ଅନୁଦାନରେ ଆସୁଥିବା କାର୍ଯ୍ୟ ହେଉନାହିଁ। ପଲ୍ଲିସଭା କରାଯାଉ ନ ଥିବାରୁ ଏସବୁ କାର୍ଯ୍ୟ ବନ୍ଦ ରହିଛି। ପଞ୍ଚାୟତ ଅଧୀନରେ ଥିବା ୩ଟି ଜଳାଶୟକୁ ଚଞ୍ଚକତା କରାଯାଇ ଅଧିକାରୀମାନେ ନିଲାମ କରିଥିବା ମଧ୍ୟ ଅଭିଯୋଗ ହୋଇଛି। ଏ ନେଇ ପଞ୍ଚାୟତର କେତେକ ଜନସାଧାରଣ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ପଚାରିବାରେ କୌଣସି ସନ୍ତୋଷ ଜନକ ଉତ୍ତର ମିଳୁନାହିଁ। ବିଶ୍ୱନାଥପୁର ଗ୍ରାମରେ ଥିବା କେତେକ ନଳକୂପ ପିଣ୍ଡି ନିର୍ମାଣ କରା ନ ଯାଇ ଅର୍ଥ ହଡ଼ପ କରାଯାଇଛି। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଯୋଗ୍ୟ ହିତାଧିକାରୀଙ୍କୁ ଚୟନ କରାଯାଉନାହିଁ। ପଞ୍ଚାୟତର ହେମନ୍ତ କୁମାର ବସ୍ତିଆ, ଅନିଲ ମଲ୍ଲିକ, ବିଦ୍ୟାଧର ଭୋଇ, ରାମଚନ୍ଦ୍ର ଜେନା, ସୁରେଶ ଚନ୍ଦ୍ର ରାଉତ, ମିର୍ଜା ଗୋଲାମ୍ ମୁସ୍ତାଫା, ଦୁର୍ଯ୍ୟୋଧନ ଜେନା, ସୁରେଶ ଶତପଥୀ ଓ ଅଭିମନ୍ୟୁ ଶତପଥୀଙ୍କ ସମେତ ବହୁ ଗ୍ରାମବାସୀ ଲିଖିତଭାବେ ବିଡିଓଙ୍କୁ ଜଣାଇବା ସହ ସମସ୍ୟାର ସମାଧାନ କରିବାକୁ ଦାବି କରିଛନ୍ତି। ଏହା କରା ନ ଗଲେ ଆଗାମୀ ଦିନରେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରାଯିବ ବୋଲି ଚେତାବନୀ ଦେଇଛନ୍ତି। ଘଟଣା ସମ୍ପର୍କରେ ବିଡିଓ ଶିବବ୍ରତ ଘୋଷ କହିଛନ୍ତି, ବହୁଗ୍ରାମ ପଞ୍ଚାୟତରେ ସରକାରୀ ଅର୍ଥ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ଆଗାମୀ ଦିନରେ ଏହାର ତଦନ୍ତ କରାଯାଇ ପଦକ୍ଷେପ ନିଆଯିବ ବୋଲି ପ୍ରକାଶ କରିଛନ୍ତି।

## ପୋଖରୀରୁ ଯୁବତୀଙ୍କ ମୃତଦେହ ଉଦ୍ଧାର

**ଚୌଦ୍ୱାର, ୨୦।୮(ଡି.ଏନ.ଏ.)**

ଟାଙ୍ଗୀ-ଚୌଦ୍ୱାର ବ୍ଲକ ବ୍ରହ୍ମପୁର ପଞ୍ଚାୟତ ଅଧୀନ ବେଲଦା ଗ୍ରାମର ଏକ ପୋଖରୀରୁ ସୋମବାର ଜଣେ ଯୁବତୀଙ୍କ ମୃତଦେହ ଉଦ୍ଧାର କରାଯାଇଛି। ସେ ହେଲେ ଉକ୍ତ ଗ୍ରାମର ସସ୍ମିତା ପରିଡା (୨୬)। ପରିବାର ଲୋକଙ୍କ ସୂଚନାନୁଯାୟୀ, ପୂର୍ବାହ୍ନରେ ସସ୍ମିତା ଉକ୍ତ ପୋଖରୀକୁ ବାସନ ଧୋଇବାକୁ ଯାଇଥିଲେ। ମାତ୍ର ଘରକୁ ଫେରିବା ବିଳମ୍ବ ହେବାରୁ ସସ୍ମିତାଙ୍କ ଭାଇ ଓ ମା ପୋଖରୀ ନିକଟକୁ ଆସି ଖୋଜିଥିଲେ। ସସ୍ମିତା ବୁଡିଯାଇଥିବା ସନ୍ଦେହ କରି ଗାଁର କେତେଜଣ ପିଲା ପୋଖରୀ ଭିତରେ ପଶି ଖୋଜାଖୋଜି କରିଥିଲେ। ହେଲେ ପୋଖରୀ ଭିତରୁ ଉଦ୍ଧାର କରାଯିବାବେଳକୁ ସସ୍ମିତାଙ୍କ ମୃତ୍ୟୁ ଘଟିସାରିଥିବା ତାଙ୍କ ଭାଇ ବିଶ୍ୱରଞ୍ଜନ କହିଛନ୍ତି। ଖବରପାଇ ଚୌଦ୍ୱାର ପୋଲିସ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ କଟକ ବଡ ଡାକ୍ତରଖାନା ପଠାଇଛି। ଏ ନେଇ ଥାନାରେ ଅପମୃତ୍ୟୁ ମାମଲା(ନଂ. ୧୮/୧୮) ରୁଜୁ ହୋଇଛି।

# ବିଭିନ୍ନ ସ୍ଥାନରେ ସଦ୍‌ଭାବନା ଦିବସ



ମାହାଙ୍ଗାରେ ଅତିଥିମାନେ ରାଜୀବ ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରୁଛନ୍ତି।

**ମାହାଙ୍ଗା,(ସ୍ୱ.ପ୍ର.)**

ମାହାଙ୍ଗା ବ୍ଲକ ରାଜୀବ ନଗରଠାରେ ସୋମବାର ସଦ୍‌ଭାବନା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ସଭାରେ ମୁଖ୍ୟ ଅତିଥିଭାବେ ଡ. ସନ୍ତୋଷ କୁମାର ବଳ ଯୋଗଦେଇ ରାଜୀବ ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ତାଙ୍କ ଜୀବନ ଦର୍ଶନ ଉପରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆକାଶ ପ୍ରଧାନ, ଅଶୋକ ମିଶ୍ର, ରଶ୍ମିରଞ୍ଜନ ପ୍ରଧାନ, ଅଲେଖ ଚନ୍ଦ୍ର ଦାସ, ନିତ୍ୟାନନ୍ଦ ଜେନା, ଅମରେନ୍ଦ୍ର ସାହୁ, ପବିତ୍ର ସାହୁ ଓ ଜ୍ୟୋତି ପ୍ରକାଶ ମିଶ୍ର ପ୍ରମୁଖ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

**ବଡ଼ମ୍ବା,(ଡି.ଏନ.ଏ.):** ବଡ଼ମ୍ବା ବ୍ଲକ ଗୋପପୁରସ୍ଥିତ ବାସୁଦେବ ଉଚ୍ଚ ବିଦ୍ୟାଳୟରେ ରାଜୀବ ଗାନ୍ଧୀଙ୍କ ଜନ୍ମଦିନ ଅବସରରେ ରାଷ୍ଟ୍ରୀୟ ସଦ୍‌ଭାବନା ଦିବସ ପାଳିତ ହୋଇଯାଇଛି। ସହକାରୀ ଶିକ୍ଷକ ଅଶୋକ ଧଳଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀଶିକ୍ଷକ ଓ କର୍ମଚାରୀମାନେ ଯୋଗଦେଇ ରାଜୀବ ଗାନ୍ଧୀଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ପ୍ରଧାନଶିକ୍ଷକ ରବୀନ୍ଦ୍ର ନାଥ ପ୍ରଧାନ ପୌରୋହିତ୍ୟ କରିଥିଲେ। ଶିକ୍ଷୟିତ୍ରୀ ମୀନାକ୍ଷୀ ସ୍ୱାଇଁ, ଉର୍ମିଳା ତ୍ରିପାଠୀ, ପ୍ରସନ୍ନ ରାଉତ, ଶଙ୍କର୍ଷଣ ରଣା, ବାନାମ୍ବର ମହାପାତ୍ର ଓ ଦିଲୀପ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

**ବାଙ୍କୀ,(ସ୍ୱ.ପ୍ର.):** ବାଙ୍କୀ ବରେନ୍ଦ୍ର କୃଷ୍ଣ ବିଦ୍ୟାପୀଠରେ ରାଜୀବ ଗାନ୍ଧୀଙ୍କ ଜନ୍ମଦିନ ତଥା ସଦ୍‌ଭାବନା ଦିବସ ସୋମବାର ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ସଭାରେ ବିଦ୍ୟାପୀଠ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ତ୍ରିଲୋଚନ ଜେନା ସଭାପତିତ୍ୱ କରିଥିଲେ। ଶିକ୍ଷକ ନଗେନ୍ଦ୍ର ମହାପାତ୍ର, କାହ୍ନୁ ଚରଣ ସାହୁ, ଦୟାନିଧି ମହାପାତ୍ର, ଆଦର୍ଶ ବିଦ୍ୟାଳୟର ଶିକ୍ଷକ ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀ, ଅମୀୟ ଧଳସାମନ୍ତ ଓ ହିମାଂଶୁ ଶେଖର ମହାପାତ୍ର ପ୍ରମୁଖ ଯୋଗଦେଇ ସଦ୍‌ଭାବନା ଦିବସ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ପରେ ବିଦ୍ୟାପୀଠର ସମସ୍ତ ଛାତ୍ର ଓ ଆଦର୍ଶ ବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ରଙ୍କୁ ଶପଥପାଠ କରାଯାଇଥିଲା।

# ପ୍ରଧାନଶିକ୍ଷକଙ୍କ ଡେପୁଟେଶନକୁ ବିରୋଧ

**ରଘୁନାଥପୁର, ୨୦।୮( ଡି.ଏନ.ଏ.)**

**ସାରଦା ନୋଡ଼ାଲ ହାଇସ୍କୁଲ**





ଅଭିଭାବକମାନେ ଟିସି ପାଇଁ ପ୍ରଧାନଶିକ୍ଷକଙ୍କୁ ଦରଖାସ୍ତ ଦେଉଛନ୍ତି।

■ **ଟିସି ଦାବି କଲେ ଅଭିଭାବକ**

■ **ଧାରଣାରେ ବସିବାକୁ ସଜବାଜ**

ଜଗତ୍‌ସିଂହପୁର ଜିଲା ରଘୁନାଥପୁର ବ୍ଲକ ଅନ୍ତର୍ଗତ ସାରଦା ନୋଡ଼ାଲ ହାଇସ୍କୁଲର ପ୍ରଧାନଶିକ୍ଷକଙ୍କୁ ଅନ୍ୟତ୍ର ତିନିଦିନିଆ ଡେପୁଟେଶନରେ ପଠାଯିବାକୁ ନେଇ ତିନିଖଣ୍ଡି ଗ୍ରାମବାସୀଙ୍କ ପକ୍ଷରୁ ବିରୋଧ କରାଯାଇଛି। ଗତ ଶନିବାର ଏ ସମ୍ପର୍କରେ ଜିଲା ଶିକ୍ଷା ଅଧିକାରୀଙ୍କ ଦାବିପତ୍ର ପ୍ରଦାନ କରାଯାଇଛି। ତେବେ ସୋମବାର ସୁଦ୍ଧା କୌଣସି ସୁଫଳ ନ ମିଳିବାରୁ ଅଭିଭାବକମାନେ ପ୍ରଧାନଶିକ୍ଷକ ସର୍ବେଶ୍ୱର ବିଶ୍ୱାଳଙ୍କୁ ସେମାନଙ୍କ ପିଲାମାନଙ୍କର ଟିସି (ଟ୍ରାନ୍ସଫର ସାର୍ଟିଫେକେଟ) ଦେବା ପାଇଁ ଲିଖିତ ଭାବେ ଜଣାଇଛନ୍ତି। ଏହାଛଡା ପ୍ରଧାନ ଶିକ୍ଷକଙ୍କ ଡେପୁଟେଶନ ବାତିଲ କରିବାକୁ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ଏବିଇଓ ନରହରି ମିଶ୍ରଙ୍କୁ ପ୍ରଦାନ କରିଛନ୍ତି।

ସୂଚନାଯୋଗ୍ୟ, ଗତ ୨୦୧୫ ଜୁନ ପୂର୍ବରୁ ୩ରୁ ୪ ବର୍ଷ ଧରି ବିଦ୍ୟାଳୟରେ ଶିକ୍ଷକ ସମସ୍ୟା ଲାଗି ରହିବା ଏବଂ ପ୍ରଧାନ ଶିକ୍ଷକ ପଦବୀ ଖାଲିପଡିବା ଯୋଗୁ ପିଲାମାନଙ୍କ ପାଠପଢାରେ ବହୁ ସମସ୍ୟା ସୃଷ୍ଟି ହୋଇଥିଲା। ତିନିବର୍ଷ ତଳେ ପ୍ରଧାନ ଶିକ୍ଷକ ଭାବେ ବିଶ୍ୱାଳ ଯୋଗଦେବା ଦିନଠାରୁ ବିଦ୍ୟାଳୟର ଶିକ୍ଷାଦାନ ସ୍ଥିତି ଉନ୍ନତି ହେବା ସହ ବିଦ୍ୟାଳୟରେ ମାଟ୍ରିକ ପରୀକ୍ଷାରେ ସଫଳତା ହାର ବୃଦ୍ଧି ପାଇଛି। ଏହାଛଡା ବିଭିନ୍ନ ଶିଶୁ ମନ୍ଦିର ଓ ପବ୍ଲିକ ସ୍କୁଲର ଛାତ୍ରୀଛାତ୍ରମାନେ ଚାଲି ଆସି ଏହି ବିଦ୍ୟାଳୟରେ ନାମ ଲେଖାଇଛନ୍ତି। ଫଳରେ ପ୍ରଧାନ ଶିକ୍ଷକଙ୍କ ପ୍ରତି ଗୋକୁଳପୁର, ହରିଶପୁର ଓ ଖଣ୍ଡତରୀ ଗାଁର ଅଭିଭାବକମାନେ ଆସ୍ଥା ଭାଜନ ହୋଇ ପାରିଛନ୍ତି। ପ୍ରଧାନ ଶିକ୍ଷକ ଉଚ୍ଚ ବିଦ୍ୟାଳୟର ଦୁଇଟି ଶ୍ରେଣୀରେ ଗଣିତ ପଢାଇଥାନ୍ତି। ଏହି ବିଦ୍ୟାଳୟଠାରୁ ପ୍ରାୟ ୧୫ କିମି ଦୂରରେ ଥିବା ମହମ୍ମଦପୁର ପଞ୍ଚାୟତ ବିଶ୍ୱନାଥପୁର ହାଇସ୍କୁଲକୁ ପ୍ରଧାନ ଶିକ୍ଷକ ବିଶ୍ୱାଳ ୩ ଦିନିଆ ଡେପୁଟେଶନରେ ଯିବା ସମ୍ପର୍କରେ ଅଭିଭାବକ ଖବର ପାଇଥିଲେ। କାଳେ ପିଲାଙ୍କ ପାଠପଢାରେ ବ୍ୟାଘାତ ସୃଷ୍ଟି ହେବ ସେହି ଆଶଙ୍କା କରି ପରିଚାଳନା କମିଟିର ସଭ୍ୟାସଭ୍ୟ ଅଭିଭାବକ ତଥା ୩ ଗାଁର ଅଧିବାସୀ ଡେପୁଟେଶନ ଅର୍ଡରକୁ ବାତିଲ କରିବାକୁ ଦାବି କରିଛନ୍ତି। ଏହାଛଡା ଅଭିଭାବକଙ୍କ ପକ୍ଷରୁ ମଙ୍ଗଳବାର ବିଦ୍ୟାଳୟ ସମ୍ମୁଖରେ ଧାରଣା ଦେବାକୁ ପ୍ରସ୍ତୁତି ପର୍ବ ଶେଷ ହୋଇଛି। ତୁରନ୍ତ ପ୍ରଧାନ ଶିକ୍ଷକଙ୍କ ଡେପୁଟେଶନ ଅର୍ଡରକୁ ବାତିଲ କରିବାକୁ ପରିଚାଳନା କମିଟିର ସଭାପତି ରାଜେନ୍ଦ୍ର ନାରାୟଣ ସିଂହ, ବିନୋଦ ବିହାରୀ ମହାନ୍ତି, ଚନ୍ଦ୍ରଶେଖର ସିଂହ, ଡଲି ଜେନା, ତପସ୍ୱନୀ ଜେନା, ଦୁର୍ଗା ପ୍ରସାଦ ମହାନ୍ତି, କମଳାକାନ୍ତ ସାହୁ, ସୁଶାନ୍ତ ଜେନା, ପ୍ରଭାତ ସିଂହ, ବନମାଳୀ ସାହୁଙ୍କ ସମେତ ଗ୍ରାମବାସୀ ଜିଲାପାଳ, ଗଣଶିକ୍ଷା ସଚିବ ଓ ଶିକ୍ଷାମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

# ଉଠାଦୋକାନୀ ମହାସଂଘର ବିକ୍ଷୋଭ

**କଟକ ଅଫିସ,୨୦।୮**

କଟକ ମହାନଗର ନିଗମ(ସିଏମ୍‌ସି) କାର୍ଯ୍ୟାଳୟ ସମ୍ମୁଖରେ ରାସ୍ତାପାର୍ଶ୍ୱ ଉଠାଦୋକାନୀ ମହାସଂଘ ପକ୍ଷରୁ ସୋମବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ମହାସଂଘ ପକ୍ଷରୁ ଦିଆଯାଇଥିବା ଦାବିପତ୍ରରେ ଦର୍ଶାଯାଇଛି, ଉଚ୍ଛେଦ କରାଯାଉଥିବା ଉଠାଦୋକାନୀମାନଙ୍କୁ ଭେଣ୍ଡିଂଜୋନ୍ ଯୋଗାଇ ଦିଆଯାଉ। ତେବେ ଏ ସମ୍ପର୍କରେ ସଂଘ ସଭାପତି ଶେଖ୍ ଅବଦୁଲ୍ଲା କହିଛନ୍ତି, ବିଭିନ୍ନ ସମୟରେ କଟକ ମହାନଦୀ ବିହାର, ପ୍ରେସ୍‌ଛକ, ଖପୁରିଆ ଅଞ୍ଚଳରେ ରାସ୍ତାପାର୍ଶ୍ୱ ଦୋକାନୀଙ୍କୁ ଉଚ୍ଛେଦ କରାଯାଉଛି। ହେଲେ ସେମାନଙ୍କ ପାଇଁ ସିଏମ୍‌ସି ପକ୍ଷରୁ ଭେଣ୍ଡିଂଜୋନ ଯୋଗାଇ ଦିଆଯାଉନାହିଁ। ସହରର ପ୍ରତ୍ୟେକ ବ୍ୟବସାୟିକ ଜାଗାରେ ନୂତନ ଭେଣ୍ଡିଂଜୋନ ତୁରନ୍ତ ପ୍ରତିଷ୍ଠା କରାଯାଉ। ନଚେତ ଆଗାମୀ ଦିନରେ ଏହି ବିକ୍ଷୋଭ ପ୍ରଦର୍ଶନ ଆହୁରି ଜୋରଦାର ହେବ ମହାସଂଘର କର୍ମକର୍ତ୍ତା ବୈକୁଣ୍ଠ ସାହୁ, ଗୁଲଜାର ଅଲ୍ଲୀ, କୁଳମଣି ସାହୁ, କୃଷ୍ଣ ବେହେରା, କୁନା ମହାନ୍ତି, ସନ୍ତୋଷ କୁମାର ବେହେରା ଓ ସତ୍ୟନାରାୟଣ ଦାଶ ବୋଲି କହିଛନ୍ତି।



ଅହଂକାରୀ ଲୋକ କେବେହେଲେ କୃତଜ୍ଞ ହୁଏ ନାହିଁ, କାରଣ ସିଏ ଯେତିକି ପାଇବା ପାଇଁ ହକ୍‌ଦାର ତା'ଠାରୁ ଅଧିକ ପାଇଲାଣି ବୋଲି ଆଦୌ ବିଚାର କରେ ନାହିଁ।
- ସାମୁଏଲ୍ ଜନ୍‌ସନ

## ସଂକ୍ଷେପରେ

### ପୋଖରୀରୁ ଯୁବତୀଙ୍କ ମୃତଦେହ ଉଦ୍ଧାର

**ଚୌଦ୍ୱାର, ୨୦।୮ (ଡି.ଏନ.ଏ.):** ଟାଙ୍ଗୀ-ଚୌଦ୍ୱାର ବ୍ଲକ ବ୍ରହ୍ମପୁର ପଞ୍ଚାୟତ ଅଧୀନ ବେଲଦା ଗ୍ରାମର ଏକ ପୋଖରୀରୁ ସୋମବାର ଜଣେ ଯୁବତୀଙ୍କ ମୃତଦେହ ଉଦ୍ଧାର କରାଯାଇଛି। ସେ ହେଲେ ଉକ୍ତ ଗ୍ରାମର ସସ୍ମିତା ପରିଡା (୨୬)। ପରିବାର ଲୋକଙ୍କ ସୂଚନାନୁଯାୟୀ, ପୂର୍ବାହ୍ନରେ ସସ୍ମିତା ଉକ୍ତ ପୋଖରୀକୁ ବାସନ ଧୋଇବାକୁ ଯାଇଥିଲେ। ମାତ୍ର ଘରକୁ ଫେରିବା ବିଳମ୍ବ ହେବାରୁ ସସ୍ମିତାଙ୍କ ଭାଇ ଓ ମା ପୋଖରୀ ନିକଟକୁ ଆସି ଖୋଜିଥିଲେ। ସସ୍ମିତା ବୁଡିଯାଇଥିବା ସନ୍ଦେହ କରି ଗାଁର କେତେଜଣ ପିଲା ପୋଖରୀ ଭିତରେ ପଶି ଖୋଜାଖୋଜି କରିଥିଲେ। ହେଲେ ପୋଖରୀ ଭିତରୁ ଉଦ୍ଧାର କରାଯିବାବେଳକୁ ସସ୍ମିତାଙ୍କ ମୃତ୍ୟୁ ଘଟିସାରିଥିବା ତାଙ୍କ ଭାଇ ବିଶ୍ୱରଞ୍ଜନ କହିଛନ୍ତି। ଖବରପାଇ ଚୌଦ୍ୱାର ପୋଲିସ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ କଟକ ବଡ ଡାକ୍ତରଖାନା ପଠାଇଛି। ଏ ନେଇ ଥାନାରେ ଅପମୃତ୍ୟୁ ମାମଲା(ନଂ. ୧୮/୧୮) ରୁଜୁ ହୋଇଛି।

### ଏଟିଏମ୍‌ରୁ ଲୁଟ୍ ଉଦ୍ୟମ

**ଖୁଣ୍ଟୁଣୀ, ୨୦।୮ (ଡି.ଏନ୍.ଏ ):** ଖୁଣ୍ଟୁଣୀସ୍ଥିତ ଗଣେଶ ବଜାରଠାରେ ଥିବା ୟୁକୋ ବ୍ୟାଙ୍କ ଏଟିଏମ୍ କାଉଣ୍ଟରରୁ ରବିବାର ରାତିରେ ଲୁଟ୍ ଉଦ୍ୟମ ହୋଇଛି। ସୋମବାର ଖୁଣ୍ଟୁଣୀ ୟୁକୋ ବ୍ୟାଙ୍କ ମ୍ୟାନେଜର ମାଗୁଣୀ ଚରଣ ସ୍ୱାଇଁଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା(ନଂ.୧୦୦/୧୮) ରୁଜୁ କରିଛି। ଏଟିଏମରେ ଥିବା ୫ଲକ୍ଷ ୬୫ହଜାର ଟଙ୍କା ବ୍ୟାଙ୍କ ମ୍ୟାନେଜର ଓ ଫ୍ରାଞ୍ଚାଇଜ ସଂସ୍ଥା ଟିଏସଆଇ ଉପସ୍ଥିତିରେ ବାହାର କରାଯାଇ କର୍ତ୍ତୃପକ୍ଷଙ୍କୁ ଦିଆଯିବା ସହ କାଉଣ୍ଟରକୁ ସିଲ କରାଯାଇଛି। ପୋଲିସ ସୂଚନା ଅନୁଯାୟୀ, କେହି ଦୁର୍ବୃତ୍ତ ଏଟିଏମ କାଉଣ୍ଟର ସଟର ବନ୍ଦ କରି ଏଟିଏମ୍ ବକ୍ସର ସାଇଡ ବେଣ୍ଡ କାଟିଥିଲେ। ଏହାକୁ କାଟିବାରେ ବିଫଳ ପରେ ଫେରାର ହୋଇଯାଇଥିଲେ। ସୋମବାର କେତେଜଣ ହିତାଧିକାରୀ ଏଟିଏମ ବନ୍ଦ ଥିବା ନେଇ ବ୍ୟାଙ୍କ ମ୍ୟାନେଜର ସ୍ୱାଇଁଙ୍କୁ ଖବର ଦେଇଥିଲେ। ମ୍ୟାନେଜର ପହଞ୍ଚି ଭୁବନେଶ୍ୱର ମୁଖ୍ୟ ଦପ୍ତରକୁ ଖବର ଦେଇଥିଲେ। ଫ୍ରାଞ୍ଚାଇଜ ସଂସ୍ଥା ଟିଏସଆଇ କର୍ତ୍ତୃପକ୍ଷ ଖୁଣ୍ଟୁଣୀରେ ପହଞ୍ଚି ସ୍ୱାଇଁଙ୍କ ଜରିଆରେ ଏତଲା ଦେଇଥିଲେ। ସିସିଟିଭି ଫୁଟେଜ ଯାଞ୍ଚ ପରେ ପ୍ରକୃତ ଘଟଣା ଜଣାପଡିବ ବୋଲି ଆଇଆଇସି ସତ୍ୟବ୍ରତ ଲେଙ୍କା କହିଛନ୍ତି।

### ଗଣ୍ଡଗୋଳ ଘଟଣା: ଜଣେ ଗିରଫ

**କଟକ ଅଫିସ, ୨୦।୮:** ଅଳିଆ ପକାଇବାକୁ ନେଇ ରବିବାର ଲାଲବାଗ୍ ଦେୱାନ ବଜାର ଅଞ୍ଚଳରେ ହୋଇଥିବା ଗଣ୍ଡଗୋଳ ଘଟଣାରେ ଜଣେ ଅଭିଯୁକ୍ତଙ୍କୁ ସ୍ଥାନୀୟ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଲାଲବାଗ୍ ଥାନା ଅନ୍ତର୍ଗତ ଦେୱାନ ବଜାର ଅଞ୍ଚଳର ମହମ୍ମଦ ଆର୍ଶାଦ ଓରଫ ଟିକି (୪୦)। ଏ ନେଇ ଥାନାରେ ମାମଲା(ନଂ.୧୨୭/୧୮) ରୁଜୁ ହୋଇଛି। ସୂଚନା ଅନୁଯାୟୀ, ଦେୱାନ ବଜାର ତନ୍ତିସାହି ଅଞ୍ଚଳରେ ରହୁଥିବା ୱାଇ. ଶ୍ରୀକାନ୍ତ ରାଓ ଏବଂ ଟିକିଙ୍କର କ୍ୟାଣ୍ଟନମେଣ୍ଟ ଅଞ୍ଚଳରେ ଦୋକାନ ଅଛି। ଶ୍ରୀକାନ୍ତଙ୍କ ଦୋକାନ ସମ୍ମୁଖରେ ପ୍ରତିଦିନ ଟିକି ଓ ଅନ୍ୟ ଦୋକାନୀମାନେ ଆଳିଆ ପକାନ୍ତି। ରବିବାର ସନ୍ଧ୍ୟାରେ ଏହାକୁ ନେଇ ଟିକି ଓ ଶ୍ରୀକାନ୍ତଙ୍କ ମଧରେ ଝଗଡା ହୋଇଥିଲା। ସ୍ଥାନୀୟ ଲୋକ ବୁଝାସୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା। ରାତିରେ ଶ୍ରୀକାନ୍ତ ଦୋକାନ ବନ୍ଦ କରି ଘରକୁ ଫେରୁଥିବା ବେଳେ ଦେୱାନ ବଜାର ପାଖରେ ଟିକି ଏବଂ ତାଙ୍କର ସହଯୋଗୀମାନେ ତାଙ୍କୁ ଆକ୍ରମଣ କରି ଫେରାର ହୋଇଯାଇଥିଲେ। ଶ୍ରୀକାନ୍ତ ଅଭିଯୋଗ କରିବା ପରେ ପୋଲିସ ଅଭିଯୁକ୍ତ ଟିକିଙ୍କୁ ଗିରଫ କରିଥିଲା।

## ■ କଟକରେ ଡେଙ୍ଗୁ ନେଇ ଚିନ୍ତା

# ତଥ୍ୟ ଲୁଚାଇଛି ସିଏମ୍‌ସି

**କଟକ ଅଫିସ, ୨୦।୮**




ୱେବସାଇଟ୍‌ରେ ତଥ୍ୟ ଲୁଚାଇଛି କଟକ ମହାନଗର ନିଗମ (ସିଏମ୍‌ସି)। ବିପର୍ଯ୍ୟସ୍ତ ପରିମଳ ବ୍ୟବସ୍ଥା ପାଇଁ ସ୍ୱଚ୍ଛତା ପରୀକ୍ଷାରେ ପ୍ରତିବର୍ଷ ଫେଲ ମାରୁଥିବା ସିଏମ୍‌ସି ନିଜର ୱେବସାଇଟରେ ୨୦୧୭ ବର୍ଷର ଡେଙ୍ଗୁ ଆକ୍ରାନ୍ତଙ୍କ ରିପୋର୍ଟକୁ ସାର୍ବଜନୀନ କରିନାହିଁ।

ସିଏମ୍‌ସି ଅଞ୍ଚଳର ଡେଙ୍ଗୁ ଆକ୍ରାନ୍ତଙ୍କ ସଂଖ୍ୟା ସମ୍ପର୍କିତ ରିପୋର୍ଟ ଏସ୍‌ସିବି ମେଡିକାଲରୁ ସିଡିଏମ୍‌ଓଙ୍କ ପାଖକୁ ଆସିବା ପରେ ତାହାକୁ ସିଏମ୍‌ସିକୁ ଦିଆଯାଇଥାଏ। ଏନେଇ ସିଡିଏମ୍‌ଓଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗ କରାଯିବାରୁ ଜଣାପଡ଼ିଛି ଯେ, ୨୦୧୭ର ଉକ୍ତ ରିପୋର୍ଟ ସିଏମ୍‌ସିକୁ ଦିଆଯାଇସାରିଛି। ସିଡିଏମଓ ଅଫିସରୁ ରିପୋର୍ଟ ମିଳିବା ପରେ ମଧ୍ୟ ସିଏମସି ୱେବସାଇଟରେ ଏହି ତଥ୍ୟ ଅପଲୋଡ କରିବାରେ ବିଳମ୍ବ ହୋଇଛି। ଏହା ହେଉଛି ତଥ୍ୟ ଲୁଚାଇବାର ଅପଚେଷ୍ଟା ବୋଲି କହିଛନ୍ତି କର୍ପୋରେଟର ଗିରିବାଳା ବେହେରା। ସେ ଆହୁରି କହିଛନ୍ତି ଯେ, ୨୦୧୭ରେ କଟକରେ ଡେଙ୍ଗୁ ବ୍ୟାପିବା ସହ କେତେଜଣଙ୍କ ପ୍ରାଣହାନି ଘଟିଥିଲା। ୱେବସାଇଟ୍‌ରେ ତଥ୍ୟ ଅପଲୋଡ୍ ହୋଇ ନ ଥିବା ସମ୍ପର୍କରେ ମେୟର ମୀନାକ୍ଷୀ କିଛି ଜାଣି ନ ଥିବା କହିଥିବା ବେଳେ କମିଶନର ବିକାଶ ମହାପାତ୍ର କହିଛନ୍ତି, ଯଦି ଅପଲୋଡ ହୋଇନାହିଁ ତେବେ ତାହାକୁ ଶୀଘ୍ର ଅପଲୋଡ କରାଯିବ।

ଅଧିକାଂଶ କାର୍ଯ୍ୟ ଅନଲାଇନ ଜରିଆରେ କରାଯିବ ଏବଂ ଲୋକଙ୍କୁ ସୁବିଧା ଯୋଗାଇଦିଆଯିବ ବୋଲି ମହାନଗର ନିଗମ ପକ୍ଷରୁ କୁହାଯାଉଛି। କିନ୍ତୁ ଡେଙ୍ଗୁ ଭଳି ମାରାତ୍ମକ ରୋଗରେ ଆକ୍ରାନ୍ତଙ୍କ ସଂଖ୍ୟା ୱେବସାଇଟ୍‌ରେ ଅପ୍‌ଡେଟ୍ ନ ହେବା ସିଏମ୍‌ସିର ଖାମଖିଆଲି ମନୋଭାବକୁ ସାମ୍ନାକୁ ଆଣିଛି। ଚଳିତ ବର୍ଷ କଟକରେ ଡେଙ୍ଗୁ ରୋଗୀଙ୍କ ସଂଖ୍ୟା ୧୬୮ରେ ପହଞ୍ଚିଲାଣି। ଏହାବାଦ ସହର ଉପକଣ୍ଠ ଟାଙ୍ଗୀ ଅଞ୍ଚଳରୁ ଡେଙ୍ଗୁ ମୁଣ୍ଡ ନେଲାଣି। ସହରର ମଙ୍ଗଳାବାଗ, ମେଡିକାଲ ଲେନ୍, କଲେଜ ଛକ, ନିମସାହି, ସୂତାହାଟ ପ୍ରଭୃତି ଅଞ୍ଚଳରେ ଡେଙ୍ଗୁ ରୋଗୀ ବଢିବାରେ ଲାଗିଛନ୍ତି। ଏଭଳିସ୍ଥିତିରେ ସିଏମ୍‌ସି ପକ୍ଷରୁ ଡେଙ୍ଗୁକୁ ନେଇ କୌଣସି ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରାଯାଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ଦେଖାଦେଇଛି।




ଉଚ୍ଛେଦ ହୋଇଥିବା ବିଭିନ୍ନ ରାସ୍ତାପାର୍ଶ୍ୱ ଉଠାଦୋକାନୀଙ୍କୁ ଭେଣ୍ଡିଂଜୋନ୍ ଯୋଗାଇଦେବା ଦାବି ନେଇ ରାସ୍ତାପାର୍ଶ୍ୱ ଉଠାଦୋକାନୀ ମହାସଂଘ ପକ୍ଷରୁ ସିଏମ୍‌ସି ଅଫିସ ସମ୍ମୁଖରେ ବିକ୍ଷୋଭ।

## ଆଇନଛାତ୍ରଙ୍କୁ ମାଡ଼ ଘଟଣା: ଡିଜିପିଙ୍କୁ ଭେଟିଲେ ଛାତ୍ରନେତା

**କଟକ ଅଫିସ, ୨୦।୮:** ହାଇକୋର୍ଟ ବାର ଆସୋସିଏଶନ ଭିତରେ ୨୦୧୬ ଅକ୍ଟୋବର ୨୭ ତାରିଖରେ ଆଇନଜୀବୀମାନଙ୍କ ଦ୍ୱାରା ମଧୁସୂଦନ ଆଇନ ମହାବିଦ୍ୟାଳୟର ଛାତ୍ର ବିଭୂତିଭୂଷଣ ବେହେରା ଆକ୍ରମଣର ଶିକାର ହୋଇଥିଲା। ବିଭୂତିଙ୍କୁ ନ୍ୟାୟ ପ୍ରଦାନ ପାଇଁ ମହାବିଦ୍ୟାଳୟର ଛାତ୍ରନେତାମାନେ ସୋମବାର ଡିଜିପି ଆର୍.ପି. ଶର୍ମାଙ୍କୁ ଭେଟି ନିବେଦନ କରିଛନ୍ତି। ଏ ନେଇ ଅଭିଯୋଗ ହୋଇଥିଲେ ମଧ୍ୟ କେତେଜଣ ବରିଷ୍ଠ ପୋଲିସ ଅଧିକାରୀ ଜାଣିଶୁଣି ଘଟଣାର ତଦନ୍ତକୁ ଅଗ୍ରଗତି କରୁ ନ ଥିବା ବେଳେ ନ୍ୟାୟ ନ ପାଇଲେ ଆଇନଛାତ୍ରମାନେ ଅନଶନ କରିବେ ବୋଲି ଚେତାବନୀ ଦେଇଛନ୍ତି। ଏ ନେଇ ଡିଜିପି ଶର୍ମା କହିଛନ୍ତି, ବିଭୂତିଙ୍କ ଅଭିଯୋଗ ଉପରେ ଠିକ୍ ଭାବେ ତଦନ୍ତ ଚାଲିଛି। ଖୁବ୍‌ଶୀଘ୍ର ଏହାର ସମାଧାନ ହେବ। ଡିଜିପିଙ୍କୁ ଭେଟିବାବେଳେ ବିଭୂତିଙ୍କ ସମେତ ସାଗର ଭୋଇ, ଅତିଶ କୁମାର ସ୍ୱାଇଁ, ଆକାଶ କୁମାର ଦାସ, ତ୍ରିଲୋଚନ ସାମଲ, ପ୍ରତାପ ସାହୁ ଉପସ୍ଥିତ ଥିଲେ।



ଓଡ଼ିଶା କିନ୍ନର ଆଖଡା ଓ ସାମାଜିକ ସଙ୍ଗଠନ ଶାଖାର ମିଳିତ ସହଯୋଗରେ ଶ୍ରାବଣ ମାସର ସୋମବାରରେ ପ୍ରାୟ ୩୦୦ କିନ୍ନର ମହାନଦୀର ଗଡଗଡିଆ ଘାଟରୁ ଜଳ ନେଇ ଭୁବନେଶ୍ୱର ଲିଙ୍ଗରାଜ ମନ୍ଦିର ଅଭିମୁଖେ ଶୋଭାଯାତ୍ରାରେ ଯାଉଛନ୍ତି।

## ଗ୍ରୁପ୍ ପରିବର୍ତ୍ତନ କରି ରକ୍ତ ଦେବା ଅଭିଯୋଗ: ଜଣେ ଗିରଫ

**କଟକ ଅଫିସ, ୨୦।୮**

**ଏସ୍‌ସିବି ମେଡିକାଲ**

କଟକ ଏସ୍‌ସିବି ମେଡିକାଲରେ ଦଲାଲମାନଙ୍କ ଦୌରାତ୍ମ୍ୟ ବୃଦ୍ଧି ପାଇବାରେ ଲାଗିଛି। ହସ୍ପିଟାଲକୁ ଆସୁଥିବା ଲୋକମାନଙ୍କୁ ପ୍ରଲୋଭିତ କରି ଦଲାଲମାନେ ଘରୋଇ ହସ୍ପିଟାଲ, ନର୍ସିଂହୋମଙ୍କୁ ପଠାଇ ଦେଉଛନ୍ତି। ଫଳରେ ଗରିବ ଲୋକଟିଏ ଦଲାଲଙ୍କ କବଳରେ ପଡି ଅଧିକ ଖର୍ଚ୍ଚାନ୍ତ ହେଉଛନ୍ତି। ଅପରପକ୍ଷେ ଏସ୍‌ସିବି ବ୍ଲଡବ୍ୟାଙ୍କରେ ୩୫୦ ଟଙ୍କାରେ ଏକ ୟୁନିଟ୍ ବ୍ଲଡ ବିକ୍ରି କରାଯାଉଥିବାବେଳେ ଦଲାଲମାନେ ଏହାକୁ ନେଇ ୧୦୦୦ ଟଙ୍କାରେ ବିକ୍ରି କରୁଛନ୍ତି। ସବୁଠୁ ମାରାତ୍ମକ କଥା ହେଉଛି ଏମାନେ ବ୍ଲଡ ଗ୍ରୁପ୍ ପରିବର୍ତ୍ତନ କରି ଲୋକମାନଙ୍କୁ ଦେଉଛନ୍ତି। ଏଭଳି ଘଟଣାରେ ସୋମବାର ଜଣେ ଦଲାଲଙ୍କୁ ମଙ୍ଗଳାବାଗ ପୋଲିସ ଗିରଫ କରି କୋର୍ଟଚାଲଣ କରିଛି। ସେ ହେଲେ ଜଗତ୍‌ସିଂହପୁର ଜିଲା ମାହାଙ୍ଗା ଅଞ୍ଚଳର ଅଶୋକ ବାରିକ(୨୯)। ଏ ନେଇ ଥାନାରେ ଏକ ମାମଲା(ନଂ.୧୭୧/୧୮) ରୁଜୁ ହୋଇଛି।

ସୂଚନା ଅନୁଯାୟୀ, କଲିକତାର ସୁଦୀପ ହେମ୍ବ୍ରମ ନାମକ ଜଣେ ବ୍ୟକ୍ତି ଗତ ଜୁଲାଇ ୨୦ ତାରିଖରେ ତାଙ୍କ ବାପାଙ୍କର ଚିକିତ୍ସା ପାଇଁ କଟକ ଏସ୍‌ସିବି ମେଡିକାଲ ଆସିଥିଲେ। ସେଠାରେ ତାଙ୍କର ଅଶୋକଙ୍କ ସହ ଦେଖା ହୋଇଥିଲା। ତାଙ୍କ ବାପାଙ୍କୁ ଭଲ ଚିକିତ୍ସା ଯୋଗାଇ ଦେବାକୁ କହି ଅଶୋକ ରାଣୀହାଟ ନିକଟରେ ଥିବା ଏକ ଘରୋଇ ହସ୍ପିଟାଲକୁ ଯିବାକୁ କହିଥିଲେ। ଅଶୋକଙ୍କ କଥା ମାନି ସୁଦୀପ ତାଙ୍କ ବାପାଙ୍କୁ ଚିକିତ୍ସା ପାଇଁ ଉକ୍ତ ହସ୍ପିଟାଲରେ ଭର୍ତ୍ତି କରାଇଥିଲେ। ସୁଦୀପଙ୍କ ବାପା କର୍କଟ ରୋଗରେ ପୀଡିତ ଥିବାରୁ ରକ୍ତ ଆବଶ୍ୟକ ପଡିଥିଲା। ଅଶୋକ ତାଙ୍କଠାରୁ ୬୦୦୦ ଟଙ୍କା ନେଇ ୬ ୟୁନିଟ୍ ରକ୍ତ କିଣିଆଣି ଦେଇଥିଲେ। ଗୋଟିଏ ୟୁନିଟ୍ ବ୍ଲଡର ଦାମ ୩୫୦ ଟଙ୍କା ପଡୁଥିବାବେଳେ ଅଶୋକ ତାଙ୍କଠାରୁ ହଜାରେ ଟଙ୍କା ଲେଖାଏ ନେଇଥିଲେ। ରବିବାର ସୁଦୀପଙ୍କ ବାପଙ୍କେ ଦେହ ଅଧିକ ଅସୁସ୍ଥ ହେବାରୁ ହସ୍ପିଟାଲ ତରଫରୁ ତାଙ୍କୁ ଏସ୍‌ସିବି ମେଡିକାଲ ନେବାକୁ ପରାମର୍ଶ ଦିଆଯାଇଥିଲା। ମେଡିକାଲରେ ଭର୍ତ୍ତି ହେବା ପରେ ଡାକ୍ତର ତାଙ୍କୁ ରକ୍ତ ଆଣିବା ପାଇଁ କହିଥଲେ। ସୁଦୀପ ବ୍ଲଡବ୍ୟାଙ୍କକୁ ଯାଇ ପଚାରିବାରୁ ସେଠାରେ ଆବଶ୍ୟକ ଥିବା ଏବି ପଜିଟିଭ୍ ବ୍ଲଡ ନ ଥିଲା। ଏ ନେଇ ସେ ଅଶୋକଙ୍କୁ ଯୋଗାଯୋଗ କରିଥିଲେ। ହେଲେ ଅଶୋକ ବ୍ଲଡବ୍ୟାଙ୍କରୁ ଅନ୍ୟଏକ ଗ୍ରୁପ୍‌ର ବ୍ଲଡ ଆଣି କଲମରେ ଗ୍ରୁପ୍‌ର ନାଁ ପରିବର୍ତ୍ତନ କରୁଥିବା ସୁଦୀପ ଦେଖିବାକୁ ପାଇଥିଲେ। ଏହା ଜଣାପଡିବା ପରେ ଅଶୋକ ଉକ୍ତ ସ୍ଥାନ ଛାଡି କେଉଁଆଡେ ପଳାଇ ଯାଇଥିଲେ। ଏ ନେଇ ସୁଦୀପ ରବିବାର ମଙ୍ଗଳାବାଗ ଥାନାରେ ଅଭିଯୋଗ କରିବା ପରେ ପୋଲିସ ସୋମବାର ଅଭିଯୁକ୍ତ ଅଶୋକଙ୍କୁ ଗିରଫ କରିଥିଲା।

## ମଦ ଦୋକାନ ବନ୍ଦ ଦାବିରେ ଅନଶନ

**ଖୁଣ୍ଟୁଣୀ, ୨୦।୮ (ଡି.ଏନ.ଏ.)**

କଖଡି ପଞ୍ଚାୟତରେ ମଦ ଦୋକାନ ବନ୍ଦ ଦାବିରେ ସୋମବାର ସ୍ଥାନୀୟ ସରପଞ୍ଚ ଶାନ୍ତିପ୍ରୀୟା ମହାନ୍ତି ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖ ଗାନ୍ଧୀ ମୂର୍ତ୍ତି ତଳେ ଅନଶନରେ ବସିଥିଲେ। ତାଙ୍କୁ ସମର୍ଥନ ଜଣାଇ ମିଳିତ ଓଡିଶା ନିଶା ନିବାରଣ ମଞ୍ଚର ଓଡିଶା ସଂଯୋଜିକା ଅପର୍ଣ୍ଣା ନାୟକ, ନିଶାମୁକ୍ତ ଅଭିଯାନ ଉପସଭାପତି ଆଦିତ୍ୟ ପାତ୍ରଙ୍କ ସମେତ ବହୁ ଜନସାଧାରଣ ସାମିଲ ହୋଇଥିଲେ। ସୂଚନାଯୋଗ୍ୟ, ଉକ୍ତ ପଞ୍ଚାୟତର ରାସ୍ତାପାର୍ଶ୍ୱରେ ମଦ ଦୋକାନ ହେବା ଦ୍ୱାରା ଏହା ନିକଟରେ ଥିବା ମନ୍ଦିର, ହାଇସ୍କୁଲ ଓ କଲେଜକୁ ଯିବାକୁ ଛାତ୍ରୀଛାତ୍ର ଏବଂ ଜନସାଧାରଣ ନିରାପଦ ମଣୁନାହାନ୍ତି। ନିଶାସକ୍ତ ଅବସ୍ଥାରେ ଅନେକ ଲୋକ ଘରକୁ ଯାଇ ଗାଳିଗୁଲଜ କରୁଛନ୍ତି। ଏଥିଯୋଗୁ ପରିବାରରେ ଅଶାନ୍ତି ଦେଖାଦେଉଛି। ଫଳରେ ସ୍ଥାନୀୟ ସରପଞ୍ଚ ମହାନ୍ତି ଉକ୍ତ ପଞ୍ଚାୟତରୁ ମଦ ଦୋକାନ ବନ୍ଦ କରିବା ପାଇଁ ବିଧାୟକ, ପ୍ରଶାସନିକ ଅଧିକାରୀ କେନ୍ଦ୍ରାଞ୍ଚଳ ରାଜସ୍ୱ କମିଶନର ଓ ଜିଲାପାଳଙ୍କୁ ବାରମ୍ବାର ଜଣାଇଥିଲେ ମଧ୍ୟ କୌଣସି ପ୍ରତିଶ୍ରୁତି ପାଇ ନ ଥିଲେ। ଫଳରେ ସେ ୨୦ ତାରିଖରେ ଅନଶନ କରିବାକୁ ନିଷ୍ପତ୍ତି ନେବା ସହ ଏ ସମ୍ପର୍କରେ ଗତ ୧୨ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ଚିଠି ଲେଖିଥିଲେ। ତଦନୁଯାୟୀ, ସୋମବାର ପୂର୍ବାହ୍ନ ୧୧ଟାରେ କଖଡି ମଙ୍ଗଳା ମନ୍ଦିରଠାରୁ ସରପଞ୍ଚ ମହାନ୍ତିଙ୍କ ସହ ଶତାଧିକ ମହିଳାପୁରୁଷ ଶୋଭାଯାତ୍ରାରେ କଖଡି ବଜାର, ମାହାଳପଡା ଗ୍ରାମ ପରିକ୍ରମା କରି ପଞ୍ଚାୟତ ଅଫିସ ନିକଟ ଗାନ୍ଧୀ ମୂର୍ତ୍ତି ନିକଟରେ ପହଞ୍ଚି ଅନଶନରେ ବସିଥିଲେ। ଏଥିସହ ସେଠାରେ ଆୟୋଜିତ ସଭାରେ ପୂର୍ବତନ ସରପଞ୍ଚ ଭାଗୀରଥି ସାହୁ ସଭାପତିତ୍ୱ କରିଥିଲେ। ସୁନୀଲ ସୂତାର ଧନ୍ୟବାଦ ଦେଇଥିଲେ। ଅପରାହ୍ନ ସାଢେ ୩ଟାରେ ଏହି ଅନଶନ ଉଠିଥିବାବେଳେ ଏହାକୁ ସାମୟିକ ଭାବେ ସ୍ଥଗିତ ରଖାଗଲା ବୋଲି ଅପର୍ଣ୍ଣା କହିଛନ୍ତି।

## ଏସ୍‌ସିବିରେ ୯୪ ଡେଙ୍ଗୁ ରୋଗୀ

**କଟକ ଅଫିସ, ୨୦।୮**

ଏସ୍‌ସିବି ମେଡିକାଲରେ ଡେଙ୍ଗୁରୋଗୀଙ୍କ ସଂଖ୍ୟା ବଢିବାରେ ଲାଗିଛି। ସୋମବାର ସନ୍ଧ୍ୟା ସୁଦ୍ଧା ମେଡିକାଲରେ ମୋଟ୍ ୯୪ ଜଣ ରୋଗୀ ଚିକିତ୍ସିତ ହେଉଛନ୍ତି। ସେମାନଙ୍କ ମଧ୍ୟରୁ ୮୮ ଜଣ ୱାର୍ଡରେ ଚିକିତ୍ସାଧୀନ ଥିବାବେଳେ ୬ ଜଣ ଆଇସିୟୁରେ ଭର୍ତ୍ତି ହୋଇଛନ୍ତି। ସୋମବାର ଏସ୍‌ସିବିରେ ପରୀକ୍ଷା କରାଯାଇଥିବା ୯୩ଟି ରକ୍ତ ନମୁନାରୁ ୨୮ଟିରେ ଡେଙ୍ଗୁ ପଜିଟିଭ ଚିହ୍ନଟ କରାଯାଇଛି। ପଜିଟିଭ ରୋଗୀଙ୍କ ମଧ୍ୟରୁ କଟକରୁ ୧୮ ଜଣ ରୋଗୀ ଥିବା ଜଣାପଡ଼ିଛି। ତେବେ ଚଳିତବର୍ଷ ପାଇଁ କଟକ ଜିଲା ଡେଙ୍ଗୁ ଫୋକସ୍‌ରେ ରହିଛି। ଅଦ୍ୟାବଧି ଏହି ଜିଲାରୁ ମୋଟ୍ ୩୧୦ ଜଣ ରୋଗୀ ଚିକିତ୍ସା ନିମନ୍ତେ ଆସିଥିବା ସୂଚନା ମିଳିଛି। ସେମାନଙ୍କ ମଧ୍ୟରୁ ଗ୍ରାମାଞ୍ଚଳରୁ ୧୪୨ ଓ ସହରାଞ୍ଚଳରୁ ୧୬୮ ରହିଛନ୍ତି।

## ■ ୧୦୮ ଆମ୍ବୁଲାନ୍ସ ଦୁର୍ଘଟଣାରେ ଚିକିତ୍ସାଧୀନ ବ୍ୟକ୍ତିଙ୍କ ମୃତ୍ୟୁ

# କ୍ଷତିପୂରଣ ଦାବିରେ ରାସ୍ତାରୋକୋ

**କଣ୍ଟାପଡା, ୨୦।୮ (ଡି.ଏନ୍.ଏ.)**

ଫୁଲନଖରା-ନିଆଳି ରାସ୍ତାର କଣ୍ଟାପଡା ତହସିଲ ସମ୍ମୁଖରେ ଗତ ୧୦ ତାରିଖ ସକାଳେ ଅଡଶପୁର ସ୍ୱାସ୍ଥ୍ୟକେନ୍ଦ୍ରର ଏକ ୧୦୮ ଆମ୍ବୁଲାନ୍ସ ଧକ୍କାରେ କଣ୍ଟାପଡା ଗ୍ରାମର ମାଧବ ବେହେରା(୫୫) ଆହତ ହୋଇ କଟକର ଏକ ଘରୋଇ ନର୍ସିଂହୋମରେ ଚିକିତ୍ସିତ ହେଉଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ରବିବାର ବିଳମ୍ବିତ ରାତ୍ରିରେ ତାଙ୍କର ମୃତ୍ୟୁ ଘଟିଥିଲା। ତାଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ ଦାବିରେ କଣ୍ଟାପଡା ଗ୍ରାମର ଲୋକମାନେ କଣ୍ଟାପଡାଠାରେ ସୋମବାର ଅପରାହ୍ନ ୩ଟାବେଳେ ରାସ୍ତାରୋକୋ କରିଥିଲେ। ଖବରପାଇ କଣ୍ଟାପଡା ତହସିଲଦାର ସିଦ୍ଧାର୍ଥ ଶଙ୍କର ସାହୁ ଓ ଓଲଟପୁର ଥାନାଧିକାରୀ ତପନ କୁମାର ରାଉତ ଘଟଣାସ୍ଥଳରେ ପହଞ୍ଚି ଲୋକମାନଙ୍କୁ ବୁଝାଶୁଝା କରିବା ସହ ରେଡ୍‌କ୍ରସ୍ ପାଣ୍ଠିରୁ ସହାୟତା ଦେବା ପାଇଁ ଜିଲାପାଳଙ୍କୁ ସୁପାରିସ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ହଟିଥିଲା।

## ଦୀପୁ-ଓମ୍ ହତ୍ୟା ମାମଲାରେ ସାକ୍ଷୀଙ୍କୁ ଧମକ ଘଟଣା: ଅନ୍ୟ ଜଣେ ଅଭିଯୁକ୍ତ ଗିରଫ

**କଟକ ଅଫିସ, ୨୦।୮**

ବହୁ ଚର୍ଚ୍ଚିତ ଦୀପୁ-ଓମ୍ ହତ୍ୟା ମାମଲାରେ ସାକ୍ଷୀମାନଙ୍କୁ ଧମକାଇବା ଓ ଡି- ବ୍ରଦର୍ସଙ୍କ ସପକ୍ଷରେ ସାକ୍ଷୀ ଦେବାକୁ କହିବା ଘଟଣାରେ ସମ୍ପୃକ୍ତ ଥିବା ଅନ୍ୟ ଜଣେ ଅଭିଯୁକ୍ତଙ୍କୁ ଚାଉଳିଆଗଞ୍ଜ ପୋଲିସ ସୋମବାର ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଏହି ଥାନା ଅନ୍ତର୍ଗତ ଥଟାରୀସାହି ଅଞ୍ଚଳର ଲକି ମଲ୍ଲିକ୍(୩୯)। ଏ ନେଇ ଥାନାରେ ଏକ ମାମଲା(୧୫୭/୧୮) ରୁଜୁ ହୋଇଛି। ଦୀପୁ-ଓମ୍ ହତ୍ୟା ମାମଲାର ମୁଖ୍ୟ ଅଭିଯୁକ୍ତ ଡି ବ୍ରଦର୍ସଙ୍କ ସହଯୋଗୀ ସଞ୍ଜୟ କୁମାର ସାହୁ ଓରଫ୍ ଭଜନ ଏବେ ଚୌଦ୍ୱାର ଜେଲର ଅଛନ୍ତି। ଏହି ମାମଲାର ମୁଖ୍ୟ ସାକ୍ଷୀ ରହିଛନ୍ତି ଦୀପୁଙ୍କ ବାପା ଅଦ୍ୱୈତ ମଲ୍ଲିକ। ଗତ ଜୁଲାଇ ୨ ତାରିଖରେ ଏହି ମାମଲାର ସାକ୍ଷୀ ଦେବାକୁ ଅଦ୍ୱୈତ କୋର୍ଟକୁ ଯିବାର ଥିଲା। ଏକଥା ଜାଣିବା ପରେ ଡି-ବ୍ରଦର୍ସ ତାଙ୍କ ସହଯୋଗୀ ଭଜନ, ମଦନଙ୍କ ସହାୟତାରେ ଅଦ୍ୱୈତଙ୍କୁ ଧମକ ଦେଇଥିଲେ। ମଦନ ଏବଂ ତାଙ୍କର ୪ ଜଣ ସହଯୋଗୀ ଅଦ୍ୱୈତଙ୍କ ଘରକୁ ଯାଇ ଡି ବ୍ରଦର୍ସଙ୍କ ସପକ୍ଷରେ ସାକ୍ଷୀ ଦେବାକୁ କହିଥିଲେ। ଯଦି ସେମାନଙ୍କ ସପକ୍ଷରେ ସାକ୍ଷୀ ନ ଦିଅନ୍ତି ତେବେ ତାଙ୍କୁ ଜୀବନରୁ ମାରି ଦେବାକୁ ଧମକ ଦେଇଥିଲେ। ହେଲେ ଏହାକୁ ଖାତିର ନ କରି ଅଦ୍ୱୈତ ଏବଂ ତାଙ୍କ ପୁଅ ସରୋଜ ମଲ୍ଲିକ କୋର୍ଟକୁ ଯାଇ ସାକ୍ଷୀ ଦେଇଥିଲେ। କୋର୍ଟରୁ ଫେରିବା ବାଟରେ ମଦନ ଏବଂ ତାଙ୍କ ସହଯୋଗୀ ପୁନର୍ବାର ସେମାନଙ୍କୁ ଗାଳିଗୁଲଜ କରିବା ସହ ଧମକ ଦେଇଥିଲେ। ଏ ନେଇ ସରୋଜ ଚାଉଳିଆଗଞ୍ଜ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏହି ଘଟଣାରେ ସମ୍ପୃକ୍ତ ୫ ଜଣଙ୍କୁ ଗିରଫ କରିଥିଲା। ହେଲେ ଲକି ଫେରାର ଥିବାବେଳେ ପୋଲିସ ତାଙ୍କୁ ଚାଉଳିଆଗଞ୍ଜ ଅଞ୍ଚଳରୁ ଗିରଫ କରିଥିଲା।

## ■ ଔପନ୍ୟାସିକ ଗୋପୀନାଥ ମହାନ୍ତିଙ୍କ ଶ୍ରାଦ୍ଧୋତ୍ସବ

# ମାଟି ମଟାଳ ଉପନ୍ୟାସ ବିଶ୍ୱ ସାହିତ୍ୟର ଅନନ୍ୟ ସୃଷ୍ଟି

**କଟକ ଅଫିସ, ୨୦।୮**

ଓଡ଼ିଆ କଥା ସାହିତ୍ୟ ଜଗତର ଗୋପୀନାଥ ମହାନ୍ତି ହେଉଛନ୍ତି ମୁକୁଟବିହୀନ ସମ୍ରାଟ। ସାମାଜିକ ଶୋଷଣ ବିରୋଧରେ ସେ ସର୍ବଦା ଲେଖନୀ ଚାଳନା କରିଛନ୍ତି। ଦରିଦ୍ର, ଖଟିଖିଆ ଆଦିବାସୀମାନଙ୍କ ଅଧିକାର ସାବ୍ୟସ୍ତ ପାଇଁ ତାଙ୍କ ଲେଖନୀ ସଦା ଚଞ୍ଚଳ ଥିଲା। ତାଙ୍କର ମାଟି ମଟାଳ ଉପନ୍ୟାସ ବିଶ୍ୱ ସାହିତ୍ୟରେ ଅନନ୍ୟ ସୃଷ୍ଟି। ସୋମବାର ସନ୍ଧ୍ୟାରେ ସାରଳା ଭବନଠାରେ ସାରଳା ସାହିତ୍ୟ ସଂସଦ ପକ୍ଷରୁ ଜ୍ଞାନପୀଠ ପୁରସ୍କାରପ୍ରାପ୍ତ ଔପନ୍ୟାସିକ ଗୋପୀନାଥ ମହାନ୍ତିଙ୍କ ଶ୍ରାଦ୍ଧୋତ୍ସବରେ ଏହି କଥା କହିଛନ୍ତି ଖ୍ୟାତିସମ୍ପନ୍ନ ଭାଷାବିତ୍ ପଦ୍ମଶ୍ରୀ ଡ. ଦେବୀପ୍ରସନ୍ନ ପଟ୍ଟନାୟକ। ସଂସଦର ପ୍ରତିଷ୍ଠାତା ଓ ସଭାପତି ପ୍ରଫେସର ଇଂ. ପ୍ରଭାକର ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସାହିତ୍ୟିକ ପ୍ରଫେସର ଯତୀନ୍ କୁମାର ନାୟକ ପ୍ରମୁଖ ଅତିଥି ଓ ବକ୍ତା ଭାବେ ଯୋଗଦେଇଥିଲେ। ପ୍ରଫେସର ଯତୀନ୍ ନାୟକ କହିଥିଲେ, ଗୋପୀନାଥ ମହାନ୍ତି ଉପନ୍ୟାସ ରଚନାରେ ନବଦିଗନ୍ତ ପ୍ରଦର୍ଶନ କରିଛନ୍ତି। ତାଙ୍କ ରଚିତ ଦାନାପାଣି, ହରିଜନ, ଅମୃତର ସନ୍ତାନ, ପରଜା, ଦାଦିବୁଢା ପ୍ରଭୃତି ଉପନ୍ୟାସ ଓଡ଼ିଆ ସାହିତ୍ୟର ଏକ ମାଇଲ ସ୍ତମ୍ଭ ସଦୃଶ। ଉତ୍କଳ ସାହିତ୍ୟ ସମାଜର ସଭାପତି ଡ. ବିଜୟାନନ୍ଦ ସିଂ କହିଲେ, ଗୋପୀନାଥ ସମାଜର ଚିତ୍ର ଉପସ୍ଥାପନ ତଥା ଚରିତ୍ର ଚିତ୍ରଣରେ ଥିଲେ ଅଦ୍ୱିତୀୟ। ପୂର୍ବତନ ମୁଖ୍ୟ ଶାସନ ସଚିବ ସହଦେବ ସାହୁ କହିଥିଲେ, ଶ୍ରେଣୀହୀନ ସମାଜ ଗଠନ ପାଇଁ ଗୋପୀନାଥ ତାଙ୍କ ସୃଷ୍ଟି ମଧ୍ୟରେ ଆହ୍ୱାନ ଦେଇଛନ୍ତି। ଅନ୍ୟତମ ଅତିଥି ଡା. ନିମାଇଁ ଚରଣ ପରିଜା କହିଲେ, ଗୋପୀନାଥ ଓଡ଼ିଆ ଉପନ୍ୟାସ ଜଗତର ବିସ୍ମୟକର ପ୍ରତିଭା। ସଭାପତି ଇଂ. ସ୍ୱାଇଁ କହିଲେ, ସାରଳା ଦାସ, ଫକୀର ମୋହନଙ୍କ ପରେ ଓଡ଼ିଆ ଜନଜୀବନର ସଫଳ ରୂପକାର ହେଉଛନ୍ତି ଗୋପୀନାଥ ମହାନ୍ତି। ପ୍ରାରମ୍ଭରେ ସଂସଦର ସମ୍ପାଦକ ପ୍ରଫେସର ଡା. ନିରଞ୍ଜନ ତ୍ରିପାଠୀ ସ୍ୱାଗତ ଭାଷଣ ଦେଇ ଗୋପୀନାଥଙ୍କ ଉଦ୍ଦେଶ୍ୟରେ ଶ୍ରାଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସୁବ୍ରତ ଭୂୟାଁ, ଅଧ୍ୟାପକ ନିର୍ମଳ ଚନ୍ଦ୍ର ପହୀ, ମାନସ କୁମାର ସାହୁ, ପବିତ୍ର ମୋହନ ମହାନ୍ତି, ବିଷ୍ଣୁ ପ୍ରସାଦ ରାଉତ, ବ୍ରଜ କିଶୋର ବେଉରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିକ୍ଷାବିତ୍ କୈଳାସ ଚନ୍ଦ୍ର ବରାଳ ଧନ୍ୟବାଦ ଦେଇଥିଲେ।



ସାରଳା ଭବନଠାରେ ଅନୁଷ୍ଠିତ ଶ୍ରାଦ୍ଧୋତ୍ସବରେ ଉପସ୍ଥିତ ଅତିଥିବୃନ୍ଦ।




ବିଭିନ୍ନ ଦାବି ନେଇ ସୋମବାର ଓଡ଼ିଶା ନିର୍ମାଣ ଶ୍ରମିକ ସଂଘ ପକ୍ଷରୁ ଜିଲାପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।




ଭୂମିହୀନ ଦଳିତ ପରିବାରଙ୍କୁ ସ୍ଥାୟୀ ପଟ୍ଟା ଓ ଘର ଯୋଗାଇଦେବା ଦାବିରେ ସୋମବାର ଜିଲାପାଳଙ୍କ ଅଫିସ ସମ୍ମୁଖରେ ଆମ୍ବେଦକର ସ୍ମୃତି ପରିଷଦ ପକ୍ଷରୁ ବିକ୍ଷୋଭ।



ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ଜୟନ୍ତୀ ପାଳନ ଅବସରରେ ସୋମବାର ପୁରୀଘାଟସ୍ଥିତ କଟକ ନଗର ଜିଲା କଂଗ୍ରେସ କାର୍ଯ୍ୟାଳୟରେ କଂଗ୍ରେସ ସଂଖ୍ୟାଲଘୁ ବିଭାଗ ପକ୍ଷରୁ ରାଜୀବଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଉଛି।



ଅହଂକାରୀ ଲୋକ କେବେହେଲେ କୃତଜ୍ଞ ହୁଏ ନାହିଁ, କାରଣ ସିଏ ଯେତିକି ପାଇବା ପାଇଁ ହକ୍‌ଦାର ତା'ଠାରୁ ଅଧିକ ପାଇଲାଣି ବୋଲି ଆଦୌ ବିଚାର କରେ ନାହିଁ।

- ସାମୁଏଲ୍ ଜନ୍‌ସନ

# ୧୨ ଘଣ୍ଟା ରାସ୍ତାରେ ପଡ଼ି ରହିଲା ମୃତଦେହ

**ଗୋପ,୨୦।୮(ଡ଼ି.ଏନ୍.ଏ.)**



ବେଗୁନିଆ ଛକଠାରେ ଉତ୍ତେଜିତ ଲୋକମାନେ ରାସ୍ତାରୋକୋ କରିଛନ୍ତି।

**ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ**

- ପରିବାର ଲୋକେ ଆଣିଲେ ହତ୍ୟା ଅଭିଯୋଗ
- ପ୍ରତିବାଦରେ ୯ ଘଣ୍ଟା ରାସ୍ତାରୋକୋ
- ଅଧାବାଟରୁ ଫେରିଲେ ପର୍ଯ୍ୟଟକ

ଗୋପ-ବାଲିଘାଇ ରାସ୍ତାର ଜାଉଁଳି ପୋଖରୀ ନିକଟ ରାସ୍ତାରେ ରବିବାର ରାତି ୧୧ଟାରେ ସଡ଼କ ଦୁର୍ଘଟଣାରେ ବେଗୁନିଆ ଗାଁର ନିରଞ୍ଜନ ବେହେରା (୩୨)ଙ୍କ ମୃତ୍ୟୁ ଘଟିଥିଲା। ଏହା ଏକ ହତ୍ୟାକାଣ୍ଡ ବୋଲି ନିରଞ୍ଜନଙ୍କ ପରିବାର ଲୋକଙ୍କ ସହ ସ୍ଥାନୀୟ ଅଞ୍ଚଳର ଶତାଧିକ ଲୋକ ସୋମବାର ଅଭିଯୋଗ କରିଥିଲେ। ଏହାର ପ୍ରତିବାଦରେ ଗୋପ-କୋଣାର୍କ ରାସ୍ତାକୁ ୯ ଘଣ୍ଟା ଓ ଗୋପ-ବାଲିଘାଇ ରାସ୍ତାର ଜାଉଁଳିପୋଖରୀଠାରେ ମଧ ଉତ୍ୟକ୍ତ ଲୋକେ ୪ ଘଣ୍ଟା ରାସ୍ତାରୋକୋ କରିଥିଲେ। ଏହି ଘଟଣାକୁ କେନ୍ଦ୍ରକରି ଗୋପ ଓ ରାମଚଣ୍ଡୀ ଥାନା ମଧ୍ୟରେ ସୀମା ବିବାଦ ଲାଗି ରହିଥିଲା। ଫଳରେ ୧୨ ଘଣ୍ଟା ଧରି ରାସ୍ତା ଉପରେ ମୃତଦେହ ପଡ଼ି ରହିଥିଲା। ଘଟଣାସ୍ଥଳରେ ଏସ୍‌ଡିପିଓ ନିରଞ୍ଜନ ପାଢ଼ୀ ପହଞ୍ଚି ରାମଚଣ୍ଡୀ ଥାନା ପୋଲିସକୁ ନିର୍ଦ୍ଦେଶ ଦେବା ପରେ ମୃତଦେହ ବ୍ୟବଚ୍ଛେଦ ଲାଗି ପଠା ଯାଇଥିଲା। ରାସ୍ତାରୋକୋ ସ୍ଥାନରେ ନିମାପଡ଼ା ଏସ୍‌ଡ଼ିପିଓ ପାଢ଼ୀ, ଗୋପ ତହସିଲଦାର ଦୁର୍ଗାଚରଣ ମୁର୍ମୁ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ଦୀର୍ଘ ସମୟ ଧରି ବୁଝାସୁଝା କରିଥିଲେ। ହେଲେ ରାସ୍ତାରୋକୋ ହଟି ନ ଥିଲା। ଘଟଣାସ୍ଥଳରେ ଅଗ୍ନିଶମ ଗାଡ଼ି ପହଞ୍ଚିଥିବାବେଳେ ଉତ୍ୟକ୍ତ ଲୋକ ଗାଡ଼ି ଭଙ୍ଗାରୁଜା କରିବାକୁ ଉଦ୍ୟମ କରିଥିଲେ। ଫଳରେ ଅଗ୍ନିଶମ କର୍ମଚାରୀମାନେ ଫେରି ଯାଇଥିଲେ।

ପ୍ରକାଶ ଯେ, ଗୋପ ଥାନା ଅଧୀନ ବେଗୁନିଆ ଗ୍ରାମର ନିରଞ୍ଜନ ଛଇତନା ଅଞ୍ଚଳର ଜଣେ ବ୍ୟକ୍ତିଙ୍କଠାରୁ ସୁଧ ବାବଦକୁ କିଛି ଟଙ୍କା ଆଣିଥିଲେ। ସୁଧ ଟଙ୍କା ବାବଦ ଆଲୋଚନା ଓ ଭୋଜି କରିବାକୁ ସେହି ଯୁବକ ରବିବାର ନିରଞ୍ଜନଙ୍କୁ ଛଇତନାକୁ ଡ଼ାକିଥିଲେ। ନିରଞ୍ଜନ ଦୁଇ ସାଙ୍ଗଙ୍କ ସହ ଭୋଜି କରିବାକୁ ଛଇତନା ଯାଇଥିଲେ। ରାତି ୯ଟାରେ ଘରକୁ ଟେଲିଫୋନ୍ କରି ସୁଧ ଟଙ୍କା ଦେବା ପାଇଁ ଏକ ମାସ ସମୟ ନେଇଥିବା କହିବା ସହ ଘରକୁ ଫେରୁଥିବା ପରିବାର ଲୋକଙ୍କୁ କହିଥିବା ଅଭିଯୋଗପତ୍ରରେ ଦର୍ଶାଇଛନ୍ତି। ମାତ୍ର ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ନିରଞ୍ଜନ ଘରକୁ ନ ଫେରିବାରୁ ପରିବାର ଲୋକ ଚାରି ଆଡ଼େ ଖୋଜାଖୋଜି କରି ପାଇ ନ ଥିଲେ। ସୋମବାର ସକାଳୁ ତାଙ୍କ ମୃତଦେହ ଦଳ ନଈ କଲେଜ ନିକଟ ରାସ୍ତା ଉପରେ ପଡ଼ିଥିବା ଖବର ପାଇ ପୋଲିସକୁ ଖବର ଦେଇଥିଲେ। ଦୀର୍ଘ ସମୟ ପର୍ଯ୍ୟନ୍ତ ଘଟଣାସ୍ଥଳରେ ଥାନା ସୀମା ବିବାଦ ନେଇ ପୋଲିସ ପହଞ୍ଚି ପାରି ନ ଥିଲା। ଦୁର୍ଘଟଣା ସ୍ଥାନଟି ଗୋପ ଓ ରାମଚଣ୍ଡୀ ଥାନା ମଧ୍ୟରେ ଠିକ୍ ଭାବେ ଚିହ୍ନଟ ହୋଇ ପାରୁ ନ ଥିବାରୁ ଏହି ମାମଲାକୁ ଦୁଇ ଥାନା ନେବାକୁ ରାଜି ହୋଇ ନ ଥିଲେ। ଏହାର ପ୍ରତିବାଦରେ ସ୍ଥାନୀୟ ଲୋକାଙ୍କ ପକ୍ଷରୁ ଗୋପ-ବାଲିଘାଇ ରାସ୍ତାରେ ଟାୟାର ଜାଳି ଅବରୋଧ କରିଥିଲେ। ଅପରାହ୍ନ ୨ଟାରେ ପୁରୀ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ମୃତଦେହ ବ୍ୟବଚ୍ଛେଦ କରିବାକୁ ପୁରୀ ସଦର ଡାକ୍ତରଖାନା ପଠାଇଥିଲେ। ଏ ନେଇ ପରିବାର ଲୋକଙ୍କ ପକ୍ଷରୁ ହତ୍ୟା ଅଭିଯୋଗ ନେଇ ଗୋପ ଓ ରାମଚଣ୍ଡୀ ଥାନାରେ ମୃତକଙ୍କ ମାମୁ ଶିବ ଜେନା ଅଭିଯୋଗ ଦେଇଥିବାବେଳେ ଖବର ପଠାଯିବା ପର୍ଯ୍ୟନ୍ତ ଦୁଇ ଗୋଟି ଥାନାରେ ମାମଲା ହୋଇ ନ ଥିବା ଜଣାପଡ଼ିଛି। ଦୀର୍ଘ ୯ ଘଣ୍ଟା ଧରି ରାସ୍ତାରୋକୋ ଜାରି ରହିବା ଫଳରେ ଦେଶ ବିଦେଶରୁ ଆସିଥିବା ଶତାଧିକ ପର୍ଯ୍ୟଟକ କୋଣାର୍କ ସୂର୍ଯ୍ୟ ମନ୍ଦିର ଦେଖି ନ ପାରି ରାସ୍ତା କଡ଼ରେ ପଡ଼ି ରହିଥିଲେ। ପିପିଲି-କୋଣାର୍କ ରାସ୍ତାର ବେଗୁନିଆ ଛକ ନିକଟରେ ଏହି ଘଟଣାରେ ସମ୍ପୃକ୍ତ ଥିବା ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ, ମୃତକଙ୍କ ପରିବାରକୁ ୫୦ ଲକ୍ଷ ଟଙ୍କା କ୍ଷତିପୂରଣ ଦାବିରେ ସକାଳ ୯ ଟାରୁ ସନ୍ଧ୍ୟା ୬ଟା ରାସ୍ତାରୋକୋ କରାଯାଇଥିଲା। ଅପରାହ୍ନରେ ପୁରୀ ଉପଜିଲାପାଳ ଭବତାରଣ ସାହୁ, ଅତିରିକ୍ତ ଏସ୍‌ପି ଧୀରେନ୍ ନନ୍ଦ, କୋଣାର୍କ ଥାନା ଅଧିକାରୀ ସଞ୍ଜୀବ କୁମାର ପ୍ରଧାନ, କାକଟପୁର ଥାନା ଅଧିକାରୀ ଜ୍ୟୋତି ପ୍ରକାଶ ସ୍ୱାଇଁ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିଥିଲେ। ପରେ ପରିବାର ଲୋକଙ୍କୁ ରେଡ଼କ୍ରସ୍ ପାଣ୍ଠିରୁ ୧୦ ହଜାର ଟଙ୍କା କ୍ଷତିପୂରଣ ରାଶି ପ୍ରଦାନ ସହ ବିଭିନ୍ନ ସରକାରୀ ଯୋଜନାରେ ଅନ୍ତର୍ଭୁକ୍ତ କରିବାକୁ ଉପଜିଲାପାଳ ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ହଟିଥିବାବେଳେ ସ୍ୱାଭାବିକ ଭାବେ ଗାଡ଼ି ଚଳାଚଳ ହୋଇଥିଲା। ଏହି ଘଟଣାରେ ଗୋପ ପୋଲିସ ଜଣକୁ ଅଟକ ରଖି ପଚରାଉଚରା କରୁଥିବା ଜଣାପଡ଼ିଛି।

## ପୁଣି ଇ-ଅଭିଯୋଗ ବ୍ୟବସ୍ଥା
# ୧୫୧ ଅଭିଯୋଗ ଶୁଣିଲେ ଜିଲାପାଳ

**ପୁରୀ ଅଫିସ, ୨୦।୮**

ଜିଲାରେ ଦୀର୍ଘ ୮ବର୍ଷ ଧରି ବନ୍ଦ ରହିଥିବା ଇ-ଅଭିଯୋଗ ବ୍ୟବସ୍ଥା ଆରମ୍ଭ ହୋଇଛି। ଏହି ବ୍ୟବସ୍ଥା ମାଧ୍ୟମରେ ଜିଲାପାଳଙ୍କ ଅଭିଯୋଗ ଶୁଣାଣି ବେଳେ ଆସୁଥିବା ଅଭିଯୋଗଗୁଡ଼ିକୁ ସଙ୍ଗେସଙ୍ଗେ ଇ-ଅଭିଯୋଗ ୱେବସାଇଟ୍‌ରେ ଅପଲୋଡ୍ କରାଯାଉଛି। ଅଭିଯୋଗ ପଞ୍ଜୀକରଣ ନମ୍ବର ସହ ଅଭିଯୋଗକାରୀଙ୍କ ମୋବାଇଲକୁ ମ୍ୟାସେଜ ମାଧ୍ୟମରେ ପଠାଯାଉଛି। ଏହାସହିତ ଅଭିଯୋଗ ସଂକ୍ରାନ୍ତରେ ଉପଯୁକ୍ତ ପଦକ୍ଷେପ ନେବା ନିମନ୍ତେ ସଙ୍ଗେ ସଙ୍ଗେ ସଂପୃକ୍ତ ବିଭାଗୀୟ ଅଧିକାରୀଙ୍କ ନିକଟକୁ ପଠାଇ ଦିଆଯାଉଛି। ଏହି ବ୍ୟବସ୍ଥା ଫଳରେ ଆସୁଥିବା ଅଭିଯୋଗଗୁଡ଼ିକ ଦ୍ରୁତ ଫଇସଲା ହେବା ସହିତ ଅଭିଯୋଗକାରୀ ସହଜରେ ତାଙ୍କ ଆବେଦନର ସ୍ଥିତି ସମ୍ପର୍କରେ ଜାଣି ପାରିବେ ବୋଲି ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। ୨୦୧୧-୧୨ରେ ଜିଲାରେ ଏହି ବ୍ୟବସ୍ଥା ଆରମ୍ଭ ହୋଇଥିଲା। କିନ୍ତୁ ପରବର୍ତ୍ତୀ ସମୟରେ କେତେକ କାରଣ ପାଇଁ ଏହା ବନ୍ଦ ହୋଇଯାଇଥିଲା। ପୁରୀର ନୂତନ ଜିଲାପାଳ ଭାବେ ଜ୍ୟୋତି ପ୍ରକାଶ ଦାଶ ଯୋଗଦେବା ପରେ ଏହି ବ୍ୟବସ୍ଥା ଆରମ୍ଭ କରିଛନ୍ତି। ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ଭୂଅର୍ଜନ ସମ୍ମିଳନୀ କକ୍ଷରେ ଅଭିଯୋଗ ଶୁଣାଣି ହୋଇଥିଲା। ସମୁଦାୟ ୧୫୧ଟି ଅଭିଯୋଗ ଆସିଥିଲା। ସେଗୁଡ଼ିକ ପଞ୍ଜୀକରଣ କରାଯାଇ ଶୁଣାଣି ହୋଇଥିଲା।

## ସଂକ୍ଷେପରେ

### ଶ୍ରୀମନ୍ଦିରରେ ଭକ୍ତଙ୍କଠାରୁ ଲୁଟ୍

**ପୁରୀ ଅଫିସ,୨୦।୮:** ଶ୍ରୀମନ୍ଦିରରେ ଶୃଙ୍ଖଳା ଓ ସଂସ୍କାର ଆଣିବା ପାଇଁ ନାନା ପ୍ରକାର କଟକଣା କରାଯାଉଛି। ହେଲେ ଲୁଟେରାଙ୍କ ଉପରେ ଏହା କିଛି ଫରକ୍ ପକାଉ ନାହିଁ। ସେମାନେ ଭିଡ଼ର ସୁଯୋଗ ନେଇ ଭକ୍ତଙ୍କୁ ଲୁଟ୍ କରୁଛନ୍ତି। ମଙ୍ଗଳବାର ବି ଜଣେ ଭକ୍ତ ଲୁଟ୍‌ର ଶିକାର ହୋଇଛନ୍ତି। ସେ ହେଲେ ଗୋପ ମଧୁବନର ମଙ୍ଗରାଜ ସାହୁ (୪୯)। ଅଭିଯୋଗ ମୁତାବକ, ପୂର୍ବାହ୍ନ ପ୍ରାୟ ସାଢ଼େ ୧୦ଟା ସମୟରେ ମଙ୍ଗରାଜ ବାହାରକାଠ ନିକଟରେ ଦୁଇହାତ ଉପରକୁ ଟେକି ମହାପ୍ରଭୁଙ୍କୁ ପ୍ରାର୍ଥନା କରୁଥିଲେ। ଏହି ସମୟରେ ଭିଡ଼ ଭିତରେ ନୟାଗଡ଼ ଜିଲା ଖଣ୍ଡପଡାର ରମେଶ ପ୍ରଧାନ (୩୫) ତାଙ୍କ ପକେଟରୁ ମନିପର୍ସ ନେଇ ପଳାଉଥିଲେ। ମଙ୍ଗରାଜ ବୁଲିପଡି ପକେଟରେ ହାତ ମାରିବା ବେଳକୁ ମନିପର୍ସ ନ ଥିଲା ଏବଂ ରମେଶ ପଳାଇ ଯାଉଥିବା ଦେଖି ପୋଲିସକୁ କହିଥିଲେ। ପୋଲିସ ରମେଶଙ୍କୁ ଧରିବା ସହ ୧୫୦୦ ଟଙ୍କା, ଏଟିଏମ୍ ଓ ଆଧାରକାର୍ଡ ଜବତ କରିଥିଲା। ମଙ୍ଗରାଜଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ.୬୪/୧୮) ରୁଜୁ କରି ରମେଶଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।

### ଶିରୁଳି ମହାବୀରଙ୍କ ହୁଣ୍ଡି ଚୋରି ଘଟଣା : ୨ ଗିରଫ

**ପୁରୀ ଅଫିସ,୨୦।୮ :** ଶିରୁଳି ମହାବୀର ମନ୍ଦିରର ହୁଣ୍ଡି ଚୋରି ଘଟଣାରେ ଚନ୍ଦନପୁର ପୋଲିସ ୨ ଜଣଙ୍କୁ ସୋମବାର ଗିରଫ କରିଛି। ସେମାନେ ହେଲେ ଶିରୁଳି ମହାବୀର ଅଞ୍ଚଳର ଅନନ୍ତ ବେହେରା(୨୫) ଓ ବାପୁଜୀ ମହାପାତ୍ର(୨୫)। ଗତ ଜୁଲାଇ ମାସରେ ପ୍ରଥମେ ମନ୍ଦିର ବାହାର ବେଢ଼ା ଓ ପରେ ମନ୍ଦିର ଭିତରରେ ଥିବା ହୁଣ୍ଡି ଚୋରି ହୋଇଥିଲା। ବାରମ୍ବାର ମନ୍ଦିରରୁ ହୁଣ୍ଡି ଚୋରିକୁ ନେଇ ପୋଲିସକୁ ଅପବାଦ ମୁଣ୍ଡାଇବାକୁ ପଡିଥିଲା। ଏପରିକି ପୋଲିସର କାର୍ଯ୍ୟଦକ୍ଷତା ଉପରେ ମଧ ପ୍ରଶ୍ନ ଉଠିଥିଲା। ଚୁପ୍ ବସିଥିଲା ପୋଲିସ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଥିଲା। ଗତ ୧୬ ତାରିଖରେ ପ୍ରଥମେ ଅନନ୍ତକୁ ପୋଲିସ ସନ୍ଦେହରେ ଥାନାକୁ ଆଣି ପଚରାଉଚୁରା କରିଥିଲା। ପରେ ତାଙ୍କଠାରୁ ମିଳିଥିବା ତଥ୍ୟ ଆଧାରରେ ବାପୁଜୀକୁ ଧରିଥିଲା ପୋଲିସ। ଜେରାବେଳେ ଉଭୟ ହୁଣ୍ଡି ଚୋରି ନେଇ ସ୍ୱୀକାର କରିଥିବା ଥାନା ଅଧିକାରୀ ଗିରିଜା ନନ୍ଦନ ପଟ୍ଟନାୟକ କହିଛନ୍ତି।

### ବ୍ଲକ କର୍ମଚାରୀଙ୍କ କଲମଛାଡ ଆନ୍ଦୋଳନ

**ସାକ୍ଷୀଗୋପାଳ,୨୦।୮(ଡି.ଏନ୍.ଏ.):** ସତ୍ୟବାଦୀ ବ୍ଲକ ଉନ୍ନୟନ ବିଭାଗର ଭିଏଲଡବ୍ଲୁ ଓ ଜିଆରଏସମାନେ ସୋମବାର କଲମଛାଡ ଆନ୍ଦୋଳନ ଆରମ୍ଭ କରିଛନ୍ତି। ଶୁକଳ ପଞ୍ଚାୟତର ଭିଏଲଡବ୍ଲୁ ପ୍ରଭାତ କୁମାର ବଳଙ୍କୁ ଗତ ୧୬ ତାରିଖରେ ବ୍ଲକ ପରିସରରେ ୩୧ନଂ. ଜୋନ ଜିଲା ପରିଷଦଙ୍କ ପୁଅ ଦେବାଶିଷ ରାୟ ଗାଳିଗୁଲଜ ସହ ମାଡ଼ ମାରିବା ନେଇ ସତ୍ୟବାଦୀ ଥାନାରେ ଅଭିଯୋଗ ହୋଇଛି। ଏହି ଘଟଣାରେ କାର୍ଯ୍ୟାନୁଷ୍ଠାନ ଦାବିକରି କର୍ମଚାରୀମାନେ ଆନ୍ଦୋଳନ କରିଥିବା କହିଛନ୍ତି।

# ଲୋକନାଥଙ୍କୁ ଜଳଲାଗି କଲେ ୧୭ ହଜାର କାଉଡ଼ିଆ



ଶ୍ରାବଣ ଶେଷ ସୋମବାର ଲୋକନାଥଙ୍କ ପୀଠରେ ଜଳଲାଗି ପାଇଁ କାଉଡ଼ିଆଙ୍କ ଧାଡ଼ି।

**ପୁରୀ ଅଫିସ,୨୦।୮**

ଶ୍ରାବଣ ମାସର ଶେଷ ସୋମବାରରେ ଜଳଲାଗି ପାଇଁ ପୁରୀ ଶ୍ରୀଲୋକନାଥଙ୍କ ମନ୍ଦିରରେ କାଉଡ଼ିଆଙ୍କ ପ୍ରବଳ ଭିଡ଼ ହୋଇଥିଲା। ଶ୍ରୀଲୋକନାଥ ଦେବ ଟ୍ରଷ୍ଟ ବୋର୍ଡ ମ୍ୟାନେଜର ଅପଚ୍ଛ ପରିଡାଙ୍କ ସୂଚନା ମୁତାବକ, ରବିବାର ସନ୍ଧ୍ୟାରୁ ବୋଲବମ୍ ଭକ୍ତ ବ୍ୟାରିକେଡରେ ଧାଡି ଲଗାଇଥିଲେ। ରବିବାର ରାତି ୧୨ଟା ୫ରେ ମନ୍ଦିରର ଦ୍ୱାର ଫିଟିଥିଲା। ମଙ୍ଗଳ ଆଳତି ପରେ ରାତି ୧୨ଟା ୨୦ରେ ଜଳ ଲାଗି ଆରମ୍ଭ ହୋଇଥିଲା। ୨୦ଟଙ୍କା ଲେଖାଏ ଦେଇ ଟିକେଟ କାଟି କାଉଡ଼ିଆମାନେ ଜଳ ଲାଗି କରିଥିଲେ। ଏହି ଶେଷ ସୋମବାର ୧୭ ହଜାର ୭୦ ଜଣ କାଉଡ଼ିଆଙ୍କ ସମାଗମ ହୋଇଥିଲା। ସେହିପରି ଭୋର୍ ୫ଟାରୁ ସର୍ବସାଧାରଣ ଦର୍ଶନ ଆରମ୍ଭ ହୋଇଥିଲା ବୋଲି ପରିଡ଼ା କହିଥିଲେ।

ଜଳ ଲାଗି ପାଇଁ ପ୍ରଶାସନ ଏବଂ ଶ୍ରୀଲୋକନାଥ ଦେବ ଟ୍ରଷ୍ଟ ବୋର୍ଡ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। କାଉଡ଼ିଆମାନେ ବ୍ୟାରିକେଡ ଦେଇ ପାର୍ବତୀ ସାଗର କଡ଼େ କଡେ ଯାଇଥିଲେ। ରୋଷଘର ଦୁଆର ମୁହଁରେ ପ୍ରବେଶ କରି ନାଟମ୍ବର ମନ୍ଦିର ପଛପାର୍ଶ୍ୱ ଦେଇ ଲକ୍ଷ୍ମୀଙ୍କ ଦ୍ୱାରରେ ସ୍ଥାପିତ ପ୍ରଭୁ ଶ୍ରୀଲୋକନାଥଙ୍କ ଲିଙ୍ଗରେ ପାଣି ଢାଳିଥିଲେ। ଏହାପରେ ସିଂହଦ୍ୱାର ଦେଇ ବାହାରକୁ ବାହାରିଥିଲେ।

## ଦୁର୍ଘଟଣାରେ ପୂର୍ବତନ ସରପଞ୍ଚଙ୍କ ମୃତ୍ୟୁ

**ଗୋପ,୨୦।୮(ଡ଼ି.ଏନ୍.ଏ.)**

ସଡ଼କ ଦୁର୍ଘଟଣାରେ ଗୋପ ବ୍ଲକ୍ ବୀରତୁଙ୍ଗ ପଞ୍ଚାୟତର ପୂର୍ବତନ ସରପଞ୍ଚ ରାଜୀବ ଲୋଚନ ରାୟ(୪୬)ଙ୍କ ରବିବାର ମୃତ୍ୟୁ ଘଟିଛି। ସେ କୋଣାର୍କରୁ ବାଇକ୍ ଯୋଗେ କରମଳା ଫେରୁଥିବାବେଳେ ଗୋପ-କୋଣାର୍କ ରାସ୍ତା ସାରଡ଼ା ଛକ ନିକଟରେ କୁକୁର ପଶି ଯିବାରୁ ସେ ଗାଡ଼ିରୁ ଛିଟିକି ପଡ଼ିଥିଲେ। ରାଜୀବଙ୍କୁ ପ୍ରଥମେ ଗୋପ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କ୍ୟାପିଟାଲ ହସ୍ପିଟାଲକୁ ନିଆଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ।

## ଡେଙ୍ଗୁରେ ୨ ଆକ୍ରାନ୍ତ

**ନିମାପଡ଼ା/କଣାସ,୨୦।୮ (ଡି.ଏନ୍.ଏ./ସ୍ୱ.ପ୍ର.):** ନିମାପଡ଼ା ଏନଏସି ଗୁହାଳପଡା ଗ୍ରାମର ବିଷ୍ଣୁ ରାଉତ(୫୦)ଡେଙ୍ଗୁରେ ଆକ୍ରାନ୍ତ ହୋଇ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ସେହିପରି କଣାସ ବ୍ଲକ କାଦୁଆ ପଞ୍ଚାୟତ କଉଡିଖୁଣି ଗ୍ରାମର ନବମ ଶ୍ରେଣୀ ଛାତ୍ର ସୁବ୍ରକାନ୍ତ ଦାସ(୧୪)ଡେଙ୍ଗୁ ରୋଗରେ ଆକ୍ରାନ୍ତ ହୋଇ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲର ଶିଶୁବିଭାଗ ୱାର୍ଡରେ ଚିକିତ୍ସିତ ହେଉଥିବା ପରିବାର ଲୋକେ କହିଛନ୍ତି।




ରବିବାର ପୁରୀ ବେଳାଭୂମିରେ କେରଳ ବନ୍ୟା ବିପନ୍ନଙ୍କ ପାଇଁ ବାଲୁକାକଳା ମାଧ୍ୟମରେ ସମବେଦନା ଜଣାଉଛନ୍ତି ଶିଳ୍ପୀ ମାନସ ସାହୁ।

# ଗ୍ରାମରକ୍ଷୀଙ୍କୁ ଭିଲେଜ୍ ପୋଲିସ ମାନ୍ୟତା ଦାବି

**ପୁରୀ ଅଫିସ,୨୦।୮**

ବିଭିନ୍ନ ଦାବି ନେଇ ସୋମବାର ଆନ୍ଦୋଳନକୁ ଓହ୍ଲାଇଥିଲା ନିଖିଳ ଉତ୍କଳ ଗ୍ରାମରକ୍ଷୀ ସଂଘ। ସଂଘର ରାଜ୍ୟ ସଭାପତି ଗଣେଶ୍ୱର ମଳିକ, ପୁରୀ ଜିଲା ସଭାପତି ବ୍ରଜବନ୍ଧୁ ମଲିକ ଓ ହେମନ୍ତ ନାୟକଙ୍କ ନେତୃତ୍ୱରେ ଶତାଧିକ ଗ୍ରାମରକ୍ଷୀ ସଦର ଥାନା ଛକରୁ ବାହାରି ଏସ୍‌ପିଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲେ। ଏସ୍‌ପିଙ୍କ କାର୍ଯ୍ୟାଳୟ ଆଗରେ ସେମାନଙ୍କ ଦାବି ନେଇ ସ୍ଲୋଗାନ ଦେବା ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହି ଅବସରରେ ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଏସ୍‌ପିଙ୍କୁ ପ୍ରଦାନ କରିଥିଲେ। ଗ୍ରାମରକ୍ଷୀଙ୍କୁ ଭିଲେଜ ଗାର୍ଡ ପରିବର୍ତ୍ତେ ଭିଲେଜ ପୋଲିସ ମାନ୍ୟତା, ମାସିକ ବେତନ ୯୩୦୦ଟଙ୍କା ସହିତ ଡିଏ, ଗ୍ରେଡ୍‌ପେ, ଇଏସ୍‌ଆଇ, ପିଏସ୍‌ଆଇ, ସରକାରୀ ସୁବିଧା ସୁଯୋଗ ପ୍ରଦାନ, ସ୍ପେସିଆଲ ଓ ଫେଷ୍ଟିଭାଲ ଆଲାଉନ୍ସ, ଗ୍ରାମରକ୍ଷୀଙ୍କୁ ଉନ୍ନତମାନର ପୋଲିସ ପ୍ରଶିକ୍ଷଣ ସହ ଡ୍ରେସ ଆଲାଉନ୍ସ, ମୃତ୍ୟୁ ଘଟିଲେ ପରିବାରକୁ ଅନ୍ୟୁନ ୧୨ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଅନୁକମ୍ପା ରାଶି ପ୍ରଦାନ ଓ ପରିବାରର ଜଣକୁ ଗ୍ରାମରକ୍ଷୀ ସେବାରେ ନିୟୋଜିତ କରିବା ଲାଗି ଦାବିପତ୍ରରେ ଉଲ୍ଲେଖ ରହିଛି।

## ଲଗାଣ ବର୍ଷା: ୨ ମାସ ହେବ ଦୁର୍ଦ୍ଦଶାରେ ଲୋକେ
# ପାଣି ଘେରରେ ଶତାଧିକ ପରିବାର

**ପୁରୀ ଅଫିସ,୨୦।୮**



ଜଳବନ୍ଦୀରେ ଥିବା ସିପସରୁବାଲି ଅଞ୍ଚଳବାସୀ।

- ସିପସରୁବାଲି, ସୁଜାତା ନଗର ଏବେ ବି ଜଳବନ୍ଦୀ
- ରାସ୍ତା କଡ଼ରେ ଆଶ୍ରୟ ନେଇଛନ୍ତି ବହୁ ବସ୍ତିବାସିନ୍ଦା
- ଜିଲାପାଳଙ୍କୁ ଦାବିପତ୍ର, ଆନ୍ଦୋଳନ ଚେତାବନୀ

ଜୁନ୍ ୨୧ ଲଗାଣ ବର୍ଷା ପରଠାରୁ ପୁରୀର ସିପସରୁବାଲି, ସୁଜତା ନଗର, ମାଟିତୋଟା ନୂଆସାହି ୫ଗଳି ଏବଂ ଡିଏଜି ଅଫିସ ପଛ ପାର୍ଶ୍ୱ ବସ୍ତି ବାସିନ୍ଦାଙ୍କ ନିଦ ହଜିଯାଇଛି। ଏହି ଅଞ୍ଚଳଗୁଡ଼ିକ ଏବେବି ଜଳବନ୍ଦୀ ହୋଇ ରହିଥିବାରୁ ୨ ମାସ ହେବ ନାନା ଦୁର୍ଦ୍ଦଶାରେ କାଳାତିପାତ କରୁଛନ୍ତି ଲୋକେ। ଜଳ ନିଷ୍କାସନ ପାଇଁ ସେପରି କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବାରୁ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି।

ଜୁଲାଇ ୨୦ ଓ ୨୧ ତାରିଖ ପୁରୀ ସହରରେ ଲଗଣା ବର୍ଷା ଯୋଗୁ ସହର ଜଳବନ୍ଦୀ ହୋଇଥିଲା। ଗତ ୭ତାରିଖ ରାତିରେ ୩୯୪ ମିମି ବର୍ଷା ସହର ସ୍ଥିତିକୁ ଆହୁରି ଗମ୍ଭୀର କରି ଦେଇଥିଲା। ଏବେ ସହର ଉପକଣ୍ଠ ସିପସରୁବାଲି-୧ଅଞ୍ଚଳର ପ୍ରାୟ ୫୦ ପରିବାର ପାଣି ଘେରରେ ରହିଛନ୍ତି। ବଳିଆପଣ୍ଡାର ଶେଷ ମୁଣ୍ଡ ଏବଂ ସିପିସୁରବାଲି ମଧ୍ୟବର୍ତ୍ତୀ ସ୍ଥାନରେ ୩ ରୁ ୪ ଫୁଟ ଉଚ୍ଚର ପାଣି ଜମି ରହିଛି। ସିପସରୁବାଲି ଧବଳେଶ୍ୱର ମନ୍ଦିର ନିକଟ ସାହି ମଧ ପାଣି ଘେରରେ ରହିଛି। ଏହାସହିତ ଏକ ଆପାର୍ଟମେଣ୍ଟ ମଧ ଜଳଘେରରେ ରହିଛି। ବର୍ଷା ଜଳ ନିଷ୍କାସନ ହୋଇପାରୁ ନ ଥିବାରୁ ଏଭଳି ସମସ୍ୟା ସୃଷ୍ଟି ହୋଇଛି। ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ନୀଳକଣ୍ଠ ପତି, ଶ୍ୟାମାପ୍ରସାଦ ମିଶ୍ର, ରାମକୃଷ୍ଣ ମିଶ୍ର, କୁଳମଣି ନିଶଙ୍କ ପ୍ରମୁଖଙ୍କ ଘର ପାଣି ଘେରରେ ରହିଛି। ଛୋଟ ଛୋଟ ଶିଶୁମାନେ ସ୍କୁଲ ଯାଇ ପାରୁ ନ ଥିବାବେଳେ ବରିଷ୍ଠ ନାଗରିକମାନେ ଘରୁ ବାହାରି ପାରୁନାହାନ୍ତି। ସେହିପରି ଲଗାଣ ବର୍ଷା ପରଠାରୁ ପୁରୀ ପୌରାଞ୍ଚଳର ମାଟିତୋଟା ନୂଆସାହି ୫ମ ଗଳି ଓ ସୁଜାତା ନଗର ବାସିନ୍ଦା ପାଣିଘେରେରେ ରହିଛନ୍ତି।

ଅନ୍ୟପକ୍ଷରେ ତାଳବଣିଆ ଅଞ୍ଚଳରେ ଏବେ ବି ପାଣି ଜମି ରହିଛି। ତାଳବଣିଆ ଡିଏଜି ଅଫିସ ପଛପାର୍ଶ୍ୱ ସୁଇଟ୍ ୱାଟର ଜୋନରେ ରହିଥିବା ବସ୍ତିରେ ୩ ରୁ ୪ ଫୁଟ ପାଣି ଜମିଛି। ବର୍ଷା ଛାଡିଥିଲେ ବି ବଳିଆପଣ୍ଡା ଧୋବାଖାଲ ବସ୍ତିରୁ ପାଣି ନିଷ୍କାସିତ ହୋଇପାରୁନି। ସେଠାରେ ରହିଥିବା ସୁଲଭ ଶୌଚାଳୟ ପାଣି ଘେରରେ ଥିବାରୁ ବ୍ୟବହାର ହୋଇପାରୁନି। ଡିଏଜି ଅଫିସ ପଛ ପାର୍ଶ୍ୱ ବସ୍ତି ବାସିନ୍ଦା ଘର ଛାଡି ବାତ୍ୟା ଆଶ୍ରୟସ୍ଥଳ ଏବଂ ରାସ୍ତା ପାର୍ଶ୍ୱରେ ଦିନ କାଟୁଛନ୍ତି।

ଏ ସ୍ଥିତିକୁ ନେଇ ସୃଷ୍ଟି ହୋଇଥିବା ଅସନ୍ତୋଷ ଆନ୍ଦୋଳନର ରୂପ ନେବାକୁ ଯାଉଛି। ଶରତ ଚନ୍ଦ୍ର ମିଶ୍ରଙ୍କ ନେତୃତ୍ୱରେ ସ୍ଥାନୀୟ ଅଞ୍ଚଳର ଶତାଧିକ ବାସିନ୍ଦା ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠକୁ ଆସି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି। ଜଳ ନିଷ୍କାସନର ସ୍ଥାୟୀ ବ୍ୟବସ୍ଥା କରା ନ ଗଲେ ସ୍ଥାନୀୟ ବାସିନ୍ଦା ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

# ଫଟୋ ଗ୍ରାଫର ମହାସଂଘର ବାର୍ଷିକ ଉତ୍ସବ




ପୁରୀ ସମୁଦ୍ରକୂଳ ଫଟୋଗ୍ରାଫର ମହାସଂଘର ଏକଦଶତମ ବାର୍ଷିକ ଉତ୍ସବରେ ଯୋଗଦେଇଥିବା ଅତିଥି।

**ପୁରୀ ଅଫିସ, ୨୦।୮ :** ପୁରୀ ସମୁଦ୍ରକୂଳ ଫଟୋ ଗ୍ରାଫର ମହାସଂଘର ଏକାଦଶତମ ବାର୍ଷିକ ଉତ୍ସବ ସୋମବାର ପୌର ସଦନଠାରେ ଉଦ୍‌ଯାପିତ ହୋଇଯାଇଛି। ମହାସଂଘ ସଭାପତି ରଞ୍ଜନ କୁମାର ଦାସଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଦୁଇଦିନିଆ ଉତ୍ସବର ଉଦ୍‌ଯାପନୀ ଦିବସରେ ମୁଖ୍ୟ ଅତିଥି ଭାବେ ରାଜସ୍ୱ ମନ୍ତ୍ରୀ ମହେଶ୍ୱର ମହାନ୍ତି, ସମ୍ମାନିତ ଅତିଥି ଭାବେ ପୌର ନଗରପାଳ ଜୟନ୍ତ କୁମାର ଷଡ଼ଙ୍ଗୀ, ଓଡ଼ିଶା ନିର୍ମାଣ ଶ୍ରମିକ ବୋର୍ଡ ଅଧ୍ୟକ୍ଷ ସୁବାସ ସିଂ, ଶ୍ରମିକ ନେତା ନବକିଶୋର ମହାନ୍ତି, କାନରା ବ୍ୟାଙ୍କ ଜେନେରାଲ ମ୍ୟାନେଜର ଶ୍ରୀକାନ୍ତ ମହାପାତ୍ର, ନିରୋଜ କୁମାର ଡେରା, ମହାସଂଘ ଉପଦେଷ୍ଟା ଶ୍ରୀକାନ୍ତ ପରିଜା, ସୂର୍ଯ୍ୟ ପ୍ରସାଦ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ମହାସଂଘର ଏକ ଅଫିସ ଗୃହ ନିମନ୍ତେ ଜମି ଯୋଗାଇ ଦେବାକୁ ରାଜସ୍ୱ ମନ୍ତ୍ରୀଙ୍କ ନିକଟରେ ଦାବି କରାଯାଇଥିଲା। ଏଥିସହ ଫଟୋ ଗ୍ରାଫରମାନଙ୍କୁ ଶ୍ରମ ଯୋଜନାରେ ଅନ୍ତର୍ଭୁକ୍ତ ଲାଗି ପ୍ରସ୍ତାବ ଦିଆଯାଇଥିଲା। ମହାସଂଘ ସମ୍ପାଦକ ହେମନ୍ତ କୁମାର ଦାସ ଅତିଥି ପରିଚୟ ଦେଇଥିବାବେଳେ ଉପସଭାପତି ଏସ.ଶିବ ରାଓ, ଯୁଗ୍ମ ସମ୍ପାଦକ ରାମଚନ୍ଦ୍ର ସାହୁ, ସହ ସମ୍ପାଦକ ସୌମିତ୍ର ଘୋଷ, କୋଷାଧ୍ୟକ୍ଷ ଜି.ରାମଚନ୍ଦ୍ର, ଗଣେଶ୍ୱର ସ୍ୱାଇଁ ପ୍ରମୁଖ ସହଯୋଗ କରିଥିଲେ।